ନଦୀଆ-ମାଧୁରୀ

ଦ୍ୱିତୀୟ ~~ପ୍ରଥମ~~ ଉଲ୍ଲାସ

ଦାଶରଥି ପୁସ୍ତକାଳୟ

ବାଲୁବଜାର, କଟକ-୨

Digitized by srujanika@gmail.com

ନଦୀୟା-ମାଧୁରୀ

ଦ୍ୱିତୀୟ ଉଲ୍ଲାସ

ଁ ବାବାଜୀ ବିଷ୍ଣୁଚରଣ ଦାସ ଗୋସ୍ୱାମୀଙ୍କ ରଚିତ

ଶ୍ରୀ ଅରକ୍ଷିତ ଦାସଙ୍କ ଦ୍ୱାରା ପ୍ରକାଶିତ

ପରିବର୍ତ୍ତିତ ଓ ପରିବର୍ଦ୍ଧିତ

ସମ୍ପୂର୍ଣ୍ଣ ଏକଶତ ଗୀତ

ଖ୍ରୀଷ୍ଟାବ୍ଦ ୧୯୭୨ ପଞ୍ଚମ ସଂସ୍କରଣ ଗୌରାବ୍ଦ ୪୮୬

—ପ୍ରାପ୍ତିସ୍ଥାନ—

ଦଶରଥି ପୁସ୍ତକାଳୟ

ବାଲୁବଜାର, କଟକ—୨

[redacted] [redacted]

Digitized by srujanika@gmail.com

(ଶ୍ରୀ ଶ୍ରୀ ଗୁରୁ ଗୌରଚନ୍ଦ୍ର ଦେବୋ ଜୟତଃ)

ଭୂମିକା

ସଂସାରସିନ୍ଧୁ ତରଣେ ହୃଦୟଂ ଯଦି ସ୍ୟାତ୍ ।
ସଙ୍କୀର୍ତ୍ତନାମୃତ ରସେ ରମତେ ମନଶ୍ଚେତ୍ ।
ପ୍ରେମାମ୍ବୁଧୌ ବିହରଣେ ଯଦି ଚିତ୍ତବୃତ୍ତିଃ—
ଚୈତନ୍ୟଚନ୍ଦ୍ର-ଚରଣେ ଶରଣଂ ପ୍ରୟାନ୍ତୁ ।

ମନୁଷ୍ୟର ଆତ୍ମା ବହିର୍ମୁଖ ଅବସ୍ଥାରେ ଏ ମାୟାମୟ ଜଗତର ଅନିତ୍ୟ ବ୍ୟାପାରରେ ଭୁଲି ରହିଥାଏ, ଏହି ଭ୍ରମରୁ ଅନେକ ଘଟନା ଘଟେ । ଜୀବ ନିଜର ବିଶୁଦ୍ଧ ପ୍ରକୃତିରୁ ଭ୍ରଷ୍ଟ ହୋଇ ଅସାର ସଂସାର ସୁଖ ଦୁଃଖରେ ବିବ୍ରତ ହୋଇ ପଡେ । ସଦ୍‌ଗୁରୁ ଓ ସତ୍‌ଶାସ୍ତ୍ର ଉପଦେଶରେ ଏହି ଭ୍ରମ ତିରୋହିତ ହେଲେ, ଜୀବର ବିଶୁଦ୍ଧ ପ୍ରକୃତି ପ୍ରକାଶ ପାଏ । ସେତେବେଳେ ଶ୍ରୀକୃଷ୍ଣ ସ୍ମୃତି ଜାଗ୍ରତ ହୋଇ ଉଠେ ଏବଂ ତାହାର ନିତ୍ୟ ସାଥିଙ୍କ କଥା ମନେପଡେ, ସେ ସାଥି ଯେ କେତେ ସୁନ୍ଦର, କେତେ ମଧୁର, କେତେ ରସମୟ ସୁହୃଦ, ଯେତେବେଳେ ସେହି ଭବ୍ୟ ଜ୍ଞାନର ସ୍ଫୁରଣ ହୁଏ, ଆଉ ତାହାର ସଙ୍ଗେ ସଙ୍ଗେ ଅଶାନ୍ତ ଅନୁରାଗର ମର୍ମମୟୀ ସ୍ମୃତି ବଳବତୀ ହୋଇ ଉଠେ । ଏହି ଅବସ୍ଥାରେ ଶ୍ରୀକୃଷ୍ଣ-ଚୈତନ୍ୟ ବିରହବ୍ୟାକୁଳତାର ସୂତ୍ରପାତ ହୁଏ । ବିରହବିଧୁରା ବ୍ରଜଲଳନାଙ୍କ ପ୍ରାୟ ଆତ୍ମା ତାହାର ମର୍ମମୟ ନିତ୍ୟସଖା ଶ୍ରୀକୃଷ୍ଣଙ୍କ ପାଇଁ ଆକୁଳ ହୋଇ ତାଙ୍କର ଅନୁସନ୍ଧାନ କରେ । ଏହାହିଁ ଆତ୍ମାର ସ୍ୱାଭାବିକୀ ଅନୁରାଗମୟୀ ଉପାସନା । ଶ୍ରୀମତୀ ବୃଷଭାନୁ-ରାଜନନ୍ଦିନୀଙ୍କ ଭାବ, କାନ୍ତି ଓ ପ୍ରେମରେ ପୂର୍ଣ୍ଣ ହୋଇ ଏହି କଳିଯୁଗରେ ଭକ୍ତାବତାରରୂପେ ଆମ୍ଭମାନଙ୍କର ହୃଦୟ ଦେବତା ଶ୍ରୀ ଶ୍ରୀ ଗୌରସୁନ୍ଦର ସ୍ୱୟଂ ଶ୍ରୀକୃଷ୍ଣ ବିରହ ଦଶାରେ ସେ

Digitized by srujanika@gmail.com

କଳିର ବ୍ୟାକୁଳ ହୋଇଅଛନ୍ତି ତାହା ଭାବୁକ, ପ୍ରେମିକ ଗୌରଭକ୍ତଗଣଙ୍କୁ ଅବିଦିତ ନାହିଁ । ଶ୍ରୀ ଶ୍ରୀ ହରିନାମ ସଂକୀର୍ତ୍ତନ ଛଳରେ ଆମ୍ଭମାନଙ୍କର ପ୍ରାଣର ସର୍ବସ୍ୱ ସେହି ଚିର-ସୁନ୍ଦର ଗୌରନଟବର ବ୍ରଜ ରସରେ ନିମଗ୍ନ ହୋଇ ପାପୀତାପୀମାନଙ୍କୁ ପାପ ପଙ୍କରୁ ଉଦ୍ଧାର କରି ଯାଇଅଛନ୍ତି । ଅଜାଣ ଜୀବ ଏମନ୍ତ ସାମନ୍ତଙ୍କୁ ଚିହ୍ନି ଚିହ୍ନି ପାରୁ ନାହିଁ । ତାଙ୍କ ଲୀଳା ଗୁଣ ମଧ୍ୟ ଜାଣି ଜାଣୁନାହିଁ; ତାଙ୍କ ଚରିତ ବୁଝି ବୁଝୁନାହିଁ, ତାଙ୍କ ନାମର ମାହାତ୍ମ୍ୟ ଶୁଣି ଶୁଣୁନାହିଁ । ହାୟ, ହାୟ, ଜୀବ କି ଅବୋଧ ? ଯେଉଁ ଭାଗ୍ୟବନ୍ତ ମାନବ ଶ୍ରୀ ଶ୍ରୀ ଗୌର ଭଗବାନଙ୍କ କୀର୍ତ୍ତିକଳାପ ହୃଦୟଙ୍ଗମ କରିଅଛନ୍ତି ସେମାନେହିଁ ଧନ୍ୟ । ଶ୍ରୀ ଶ୍ରୀ ଗୁରୁଗୋବିନ୍ଦଙ୍କ କରୁଣା ବ୍ୟତୀତ ଶ୍ରୀ ଶ୍ରୀ ଗୌରଲୀଳା ରସାମୃତ ଆସ୍ୱାଦନାରେ କେହି ସମର୍ଥ ହୋଇ ପାରିବେ ନାହିଁ । "ଶ୍ରୀଗୁରୁର କୃପାହିଁ କେବଳ" ସେହି ଅପାର କୃପାନିଧାନ ଶ୍ରୀ ଶ୍ରୀ ଗୁରୁଦେବଙ୍କ ସମ୍ପୂର୍ଣ୍ଣ କୃପାବଳରେ ମୋ ଭଳି ଧନାତିହୀନ ଦୁରବସ୍ଥ ଅଧମ ଅସ ଶ୍ରୀ ଶ୍ରୀ ଗୌରଗୋବିନ୍ଦ ଗୁଣ ସମ୍ବନ୍ଧ ଉତ୍କଳଭାଷାରେ ସଙ୍ଗୀତ ଚତୁଷ୍ପଦୀରୂପେ ପ୍ରାୟ ଏକ ସହସ୍ର ଗୀତ ରଚନା କରିବାରେ ସାହସୀ ହୋଇଅଛି । ତନ୍ମଧ୍ୟରୁ ୫୦୦ ଗୀତକୁ "ନଦୀୟା ମାଧୁରୀ" ନାମକ ଗ୍ରନ୍ଥରେ ସନ୍ନିବେଶିତ କରି ୫ ଭାଗରେ ବିଭକ୍ତ କରିଅଛନ୍ତି ସେହି ପାଞ୍ଚଭାଗ ମଧ୍ୟରୁ ଏ ପୁସ୍ତକ ଖଣ୍ଡିକ ଦ୍ୱିତୀୟ ଅଟେ । ପୁସ୍ତକର ନାମରେ 'ମାଧୁରୀ' ଶବ୍ଦ ଉଲ୍ଲେଖଥିବା ହେତୁ ପ୍ରତ୍ୟେକ ଭାଗ 'ଉଲ୍ଲାସ' ନାମରେ ପ୍ରକାଶ କରାଗଲା । ସୁହୃଦୟ ଗୌରଭକ୍ତଗଣ ଏହି ଗୀତମାନଙ୍କର ଭାବାମୃତ ଆସ୍ୱାଦନେ ତୃପ୍ତି ଓ ଆନନ୍ଦ ଲାଭ କଲେ କୃତାର୍ଥ ହେବି । ଇତି ।

ଶ୍ରୀ ଶ୍ରୀ ରାଧାଗୋବିନ୍ଦ ମଠ
ପୋ: କୋଟସାହି, କଟକ
ଗୌରପୂର୍ଣ୍ଣିମା ୧୯୪୮

ସାଧୁପଦରଜ ପ୍ରାର୍ଥୀ
ଭାବାଜ୍ଞ—
ଶ୍ରୀ ବୈଷ୍ଣବଚରଣ ଦାସ ଗୋସ୍ୱାମୀ

Digitized by srujanika@gmail.com

ନିବେଦନ

ଅପାର କରୁଣାମୟ ଶ୍ରୀ ଶ୍ରୀଗୁରୁ ଗୌରାଙ୍ଗ ଦେବଙ୍କ ଶ୍ରୀପାଦ-ପଦ୍ମ ଭରସାରେ ଏହି "ନଦୀୟା ମାଧୁରୀ" ଦ୍ୱିତୀୟ ଉଲ୍ଲାସ ପୁସ୍ତକ ଖଣ୍ଡିକ କଟକସ୍ଥ ଅରୁଣୋଦୟ ଯନ୍ତ୍ରାଳୟରେ ପ୍ରଥମବାର ମୁଦ୍ରିତ ହୋଇଥିଲା । ଅଳ୍ପଦିନ ମଧ୍ୟରେ ସେ ସମସ୍ତ ପୁସ୍ତକ ଶେଷ-ହୋଇ ଯାଇଥିବାରୁ ପୁନର୍ବାର ଛପାଇବା ନିମନ୍ତେ ବର୍ତ୍ତମାନ ସଂଶୋଧନ ପୂର୍ବକ ଗୀତଗୁଡ଼ିକ ଅନେକ ସ୍ଥଳରେ ପରିବର୍ତ୍ତନ ଓ ପରିବର୍ଦ୍ଧନ କରି କଟକ ଦାଶରଥି ପୁସ୍ତକାଳୟର ପ୍ରୋପ୍ରାଇଟର ବାବୁ ଶ୍ରୀ ଦାଶରଥି ଦାସଙ୍କୁ ଶ୍ରଦ୍ଧାଯୁକ୍ତ ଚିତ୍ତରେ ସମର୍ପଣ କଲି । ପୂର୍ବପରି ଏ ପୁସ୍ତକ ପ୍ରତି ସକଳ ଗୌରଭକ୍ତ ଓ ସଙ୍କୀର୍ତ୍ତନକାରୀ-ମାନଙ୍କର ସମାଦୃତ ହେଲେ ମୋର କ୍ଷୁଦ୍ର ଲେଖନୀପରିଶ୍ରମ ସଫଳ ମନେ କରିବି । ଇତି ।

ପ୍ରକାଶଥାଜକ—ଶ୍ରଦ୍ଧେୟ ଶ୍ରୀମାନ୍ ଦାଶରଥି ବାବୁ ଏହି ଗ୍ରନ୍ଥକୁ ଦ୍ୱିତୀୟ ସଂସ୍କରଣ ରୂପେ ପ୍ରକାଶ ଓ ପ୍ରଚାର କରିପାରିବେ । ଇତି । ତା ୨୫ । ୨ । ୪୮

ଶ୍ରୀ ଶ୍ରୀ ରାଧାଗୋବିନ୍ଦ ମଠ
ପୋ: ଅ: କୋଠଦାଣ୍ଡ
କଟକ

ବାବାଜୀ—
ଶ୍ରୀ ବୈଷ୍ଣବଚରଣ ଦାସ ଗୋସ୍ୱାମୀ
ପ୍ରଣେତା

Digitized by srujanika@gmail.com

ଉତ୍ସର୍ଗ

ଯେଉଁ ପରମ କରୁଣାମୟ ପତିତପାବନ ଶ୍ରୀ ଶ୍ରୀ ଭେଖ ଗୁରୁଦେବ
ମୋତେ ସଂସାର ଜଞ୍ଜାଳଯନ୍ତ୍ରଣାରୁ ଟାଣିଆଣି ଶ୍ରୀ ଶ୍ରୀ ଗୌର
କୃଷ୍ଣ ପ୍ରେମରେ ପାଗଳ କରାଇଅଛନ୍ତି, ଅଜ ସେହି ମହା-
ମହିମାମୟଙ୍କ ସୁକୋମଳ ପଦାରବିନ୍ଦରେ
ମୋର ଏହି **ନଦୀୟା ମାଧୁରୀ**
ଦ୍ୱିତୀୟ ଉଲ୍ଲାସ ପୁସ୍ତକ
ଖଣ୍ଡିକ ଉତ୍ସର୍ଗ
କଲି ।ଇତି।

ଶ୍ରୀ ଶ୍ରୀ ଗୌରପୂର୍ଣ୍ଣିମା
ସନ ୧୯୦୪ ମସିହା

ଚରଣାବନତ
ଅଧମ 'ପ୍ରଣେତା

Digitized by srujanika@gmail.com

ନଦୀୟା ମାଧୁରୀ

ଦ୍ୱିତୀୟ ଉଲ୍ଲାସ—ସୂଚୀପତ୍ର

ବିଷୟ	ପୃଷ୍ଠା
ଅଟନ୍ୟା ମଣ୍ଡପେ ବସିଚର ମାନସ	୩୫
ଆହା ମୋ ନିମାଇଁ ଗୁଣ ଆହା	୧୬
ଆହା କି କରିବି କେଣିକି ମୁଁ ଯିବି	୧୮
ଆହେ ଗୌରମଣି ଭକ୍ତଙ୍କର	୨୨
ଆହା କେତେ ମନ୍ଦମତି ମୁଁ	୨୭
ଆହା କେତେ ଚଞ୍ଚଳ ମନ	୫୨
ଉଠ ଗୋ ଭକ୍ତବୃନ୍ଦ ପାହିଲା ରଜନୀ	୫
ଉଣାନୋହୁ ମୋର ସେବାହେଉମ୍ଭର	୯
ଏହି ମୋର ଦୃଢ଼ବ୍ରତରେ ସାଙ୍ଗ	୪୪
ଏହି ଗୋଭି ମୋ ସବ ଅବଗୁ ର	୪୯
ଏ କି ଆଚମ୍ବିତ ଶୁଣିଲେ ସଜନୀ !	୬୫
ଏହି ପଥ ସଙ୍ଗେ କୃଷ୍ଣ ଦୁଆର	୫୨
ଏ ମାୟା ସଂସାରେ	୬୩
କହ ହେ ଗୌରାଙ୍ଗ ଆଜି ଏ କି	୪୩
କାହିଁବ କି ଧୈର୍ଯ୍ୟ ବାନ୍ଧିବି	୫୯
କାହାପାଇଁ କାହାକୁ ଲୁଚି	୪୮
କିଏ ଅଛ ଭାଇ ! ଅସ ଆସ ଧାଇଁ	୫୬
କେବେ ଶୁଣିବଲେ ସଖି ! ଆମ୍ଭ	୧୯
କେତେ ପସନ୍ଦ ରେ ମୋର ଏ	୨୧
ଗଞ୍ଜର ଆଦେଶ ପାଳରେ ମାନସ	୪୩
ଗଉରଚନ୍ଦ୍ରଙ୍କ ବଦନ ଶୋଭିଲ୍	୩୨
ଗମ୍ଭୀରା ପୀଠରେ ଅଦ୍ୟାପି ରହିଛ	୫୬
ଗାଅରେ ନ ଅରେ ଭାଇ !	୫୧
ଗୁରୁ [illegible] ବଳବାନ	୬୨
ଗୋରା [illegible] ଦୟା କୁ ସାମନ୍ତ	୭
ଗୌରାଙ୍ଗ ରୂପଟି ମୋର	୨୧
ଗୌର ନାମାମୃତ ମଧୁର କେମନ୍ତ	୧୬
ଗୌର ଗୁଣାମୃତ କେତେ ସୁମଧୁର	୯
ଗୌର ଶ୍ରୀଚରଣେ ନବଦାସୀପଣେ	୫୧
ଗୌରଚନ୍ଦ୍ର ସ୍ତବ ମନୁ ଯିବ କି	୩୧
ଗୌର ପାଦପଦ୍ମ ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର	୩୨
ଗୌର ଶ୍ରୀଅଙ୍ଗ ଶୋଭା କି	୩୨
ଗୌର ନିତ୍ୟାନନ୍ଦ ବୋଲି ଏ ଦୁଇ	୫୫
ଗୌରାଙ୍ଗ ଚରଣେ ମୁଣ୍ଡ ଦେବ	୫୬
ଘରୁ ଯେଉଁ ଦନୁବାହାରିଗଲଣି ହେ	୬୦
ଘୁମାଇଁ ପଡ଼ି ଏତେ ବାହୁଁ କି ରେ	୪୨
ଚନ୍ଦନଚର୍ଚ୍ଚିତା ଅଙ୍ଗେ ଶ୍ରୀଗୌରାଙ୍ଗ	୭
ଛଇଲ ହେ, କନକଦାଣ୍ଡି	୫୫
ଜୟ ୨ ଶ୍ରୀଗୁରୁ ହେ ପତିତତାରକ	୧
ଜୟ ୨ ଗୌରଚନ୍ଦ୍ର ନବଦ୍ୱୀପବାସୀ	୨
ଜାହ୍ନବୀତଟରେ ଯା ମନ ଧୀରେ	୩୧
ଥାଇ ନୟନେ ପ୍ରେମଅଶ୍ରୁ ବିନ୍ଦୁ	୪୯
ଦେଖ ଗୋ ସଙ୍ଗାତ ନୟନ ଭରି	୨୪
ଦେଖ ସଖି ! ଗୋରା ସୁନ୍ଦର	୩୨
ଧନ୍ୟ ଶ୍ରୀଶଚୀଶୋଭା ପ୍ରେମର ଭିକାରି	୫୨
ଧନ୍ୟ ଗୁଣ ଫନା ତଥା ସ୍ୱଭାବେ	୪୮
ଧନ୍ୟ ଭବ ତୋ ହୃଦୟର ମହିମା	୫୨
ନଦୀୟା ନଗରେ ପ୍ରତିଘରେ ଘରେ	୨୦
ନଦୀୟାବାସୀ ଆହେ	୧୬

Digitized by srujanika@gmail.com

ବିଷୟ	ପୃଷ୍ଠା
ନଦୀୟା ନାମେ ଯେ ହୃଦୟ ଗିଳ	୨୬
ନବ ନଟବର ଗୋରା ନବରଙ୍ଗେ	୩୩
ନଦୀୟା ପୂର୍ଣ୍ଣ ଚନ୍ଦ୍ର	୩୯
ନଦୀୟା ସନ୍ୟାସୀ ଧନ୍ୟ ରୂପରାଶି	୩୮
ନବଦ୍ୱୀପ ସୁଧାନିଧି ଶଚୀଙ୍କ	୬୦
ନାମାମୃତ ପାନେ ସର୍ବେ ତୁଅ	୨୫
ନିତ୍ୟାନନ୍ଦ ପ୍ରେମତତ୍ତ୍ୱ ଅତ୍ୟନ୍ତ	୨୩
ନିତ୍ୟାନନ୍ଦ ପ୍ରେମ ପଦାର୍ଥର ସମ	୧୫
ନୀଳାଚଳ ପଥେ ଗୋରା	୨୩
ପାତକ କର ଠ ଲୁବ ରୁମ୍ଭେ ଏଡ଼ା	୪୭
ପ୍ରିୟ ପଣ୍ଡକର ସଙ୍ଗେ ସ୍ନେହ	୩୬
ପ୍ରେମାନନ୍ଦେ ରୂ କରସେବ ସଂକଳ୍ପ	୭୪
ପ୍ରେମିକଗଣର ମୋର କେତେରଙ୍ଗ	୫୮
ବଡ଼ଦାଣ୍ଡେ ଗୌରଚନ୍ଦ୍ର ରଥଆଗେ	୩୯
ବିଶ୍ୱମ୍ଭର ! ବୃଥା ନୋହୁ ପ୍ରାର୍ଥନା	୩୦
ଭଜରେ ଭଜରେ ଭାଇ ! ଗୌରାଙ୍ଗ	୨୨
ଭକ୍ତି-ପଥରେ ଗଡ଼ କରଆନନ୍ଦେ	୫୦
ଭବ-ନଦୀତୀରେ ଶ୍ରୀନାମ-ନାବଟି	୫୪
ଭୁବନମୋହନ ରୂପ ଦେଖ ଅଙ୍ଗେ	୧୦
ମହାପ୍ରଭୁ ଶ୍ରୀଗୌରାଙ୍ଗ	୫
ମହାପ୍ରଭୁ ଗୌରଚନ୍ଦ୍ର ଅନାଥଙ୍କନାଥ	୬
ମନ କହୁଛି ରେ ଜନମ ନ କର	୩୪
ମୁଁ ତ ଗୋରାପଦ ଦାସୀ ଲୋ ସଜନୀ	୩
ମୋ ହୃଦୟନିଧି କରୁଣା ବାରିଧି	୧୩
ଯମଦଣ୍ଡ ଯାଦ ଲଭିବୁ ଯାହ	୫୩
ଯାହାଙ୍କ ପଦସ୍ମେ ଭୟ ନାଶଯାଏ	୪୫

ବିଷୟ	ପୃଷ୍ଠା
ଯାହା ସ୍ମରେ ସଦା ମୁଁ ପାଗଳ	୨୮
ଯେବେ ଛଡ଼ ଇବୁ ହୃଦୟୁ ଚୋର	୪୧
ଯେହ୍ନେଁ ବ୍ରଜରାଜନନ୍ଦନ ବୃନ୍ଦାବନଚନ୍ଦ୍ର	୩
ଯେହୁ ଚରଣଦର୍ପଣ ହୃଜ୍ଜନବାସ	୬୪
ରସରାଜ ଗୌରାଙ୍ଗମୂରତ	୧୦
ଶ୍ରୀଗୌରାଙ୍ଗ ପ୍ରେମ ମାଦକ	୧୪
ଶ୍ରୀଗୌରଚନ୍ଦ୍ର ପଦ୍ମଚରଣେ	୨୦
ଶ୍ରୀଚରଣେ ଏହି ଭିକ୍ଷା ଆହେ	୨୨
ଶ୍ରୀ ପାଦପଦ୍ମ ଆଶ୍ରିତେ ଯାହ	୪୧
ଶ୍ରୀ ରାଧାଗୋବିନ୍ଦ ପ୍ରେମ ବିଳାସ	୪୬
ଶ୍ରୀ ଗୌରସୁନ୍ଦର ଲୀଳା	୫୫
ଶ୍ରୀ ଗୌରଚନ୍ଦ୍ର ଜୀବର ମଙ୍ଗଳ	୩୦
ସନ୍ତୁ ! ଭଲେ ମନେକର	୪୬
ସଖି ! ଅନାଅଁ ଗୋ ବଡ଼ଦାଣ୍ଡ	୪୨
ହରିନାମ ସଂକୀର୍ତ୍ତନ ଏଡ଼ା	୪
ହରିନାମ ପ୍ରେମେ ଆଜ	୨୯
ହରିନାମ ସଦା କର ଗାନରେ	୩୪
ହରିନାମ ସଂକୀର୍ତ୍ତନ ଭବେ ନିତ୍ୟ	୬୨
ହରିବୋଲ ଭାଇ ବଦନ ଭରିରେ	୬୪
ହୁଅ ଭାଇ ! ହରିବୋଲିଆ	୬
ହେ ଚୈତନ୍ୟ ଦୟାନିଧି ଭକତବତ୍ସଳ	୩
ହେ ଗଙ୍ଗାତୀର ବିହାରୀ	୪
ହେ ଗୌରଭକ୍ତେ ମୋର ଏ ଅଳି	୫୧
ହୃଦୟ ଦେବତା ମୋର ନଦୀୟା	୯
କ୍ଷେତ୍ର ନୀଳାଚଳେ କାଶୀମିଶ୍ରଆଳୟେ	୨୪

ନଦୀୟାମାଧୁରୀ ଦ୍ୱିତୀୟ ଉଲ୍ଲାସ ସୂଚୀପତ୍ର ସମାପ୍ତ

Digitized by srujanika@gmail.com

ନଦୀୟା ମାଧୁରୀ

ଦ୍ୱିତୀୟ ଉଲ୍ଲାସ

ମଙ୍ଗଳା ଚରଣ ଶ୍ଲୋକ

ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥

ଶ୍ରୀଗୁରୁ ବନ୍ଦନା

ଜୟ ଜୟ ଶ୍ରୀଗୁରୁ ହେ ପତିତ ତାରକ ।
ଅଖଣ୍ଡ ମଣ୍ଡଳାକାର ସଂସାର ବ୍ୟାପକ ହେ ।୧।
ତୁମ୍ଭ ପାଦପଦ୍ମେ ସଦା କରଇ ବନ୍ଦନ ।
କୃପାକର ଏ ଅଧମେ ହୋଇ ସୁପ୍ରସନ୍ନ ହେ ।୨।
ତୁମ୍ଭେ ବ୍ରହ୍ମା ତୁମ୍ଭେ ବିଷ୍ଣୁ ତୁମ୍ଭେ ମହେଶ୍ୱର ।
ତୁମ୍ଭେ ସ୍ୱୟଂ ପରଂବ୍ରହ୍ମ ସର୍ବ ଅବତାର ହେ ।୩।
ସୁଜ୍ଞାନ ଅଞ୍ଜନ ଦାନେ ଚକ୍ଷୁ ଫିଟାଇଲ ।
ଅଜ୍ଞାନ ଅନ୍ଧାର ଘୋଟିଥିଲା ତା ନାଶିଲ ହେ ।୪।
କୃତାଞ୍ଜଳି ପୁଟେ ମାଗୁଅଛି ହେ ଗୋସାଇଁ ।
ଏ ଭବ ସାଗରୁ ପାରକର ଦୟାବନ୍ତ ହେ ।୫।
ମୋର ମନ ଯାଉ ଗାଇ ଗୌର ହରି କଥା ।
କହେ ବଇଷ୍ଣବ ଦାସ ନତକରି ମଥା ହେ ।୬।

Digitized by srujanika@gmail.com

ଗୌରଚନ୍ଦ୍ରିକା

ଭଜ ଗୌର ମହାପ୍ରଭୁ ପାଦ ଯୁଗଂ ।
ଭବ ତାରଣ କାରଣ ଜନ୍ମ ସୁଖଂ ।
କରୁଣାମୟ ସାଗର ବୃନ୍ଦ ଗୋଷ୍ଠ ।
ଅବତାର ହେଲ ଦେଖି ପାପଭର ॥

(ହେ ଚୈତନ୍ୟ ଦୟାନିଧି—ବୃତ୍ତେ)

ଜୟ ଜୟ ଗୌରଚନ୍ଦ୍ର ନବଦ୍ୱୀପ ବାସୀ ।
ତପତ କାଞ୍ଚନ କାନ୍ତି ଜିଣି ରୂପରାଶି ହେ । ୧ ।
ଜୟ ତ୍ରୈଲୋକ୍ୟ ମୋହନ ମୂରତି ନିମାଇଁ ।
ଜୟ ବିଷ୍ଣୁ ପ୍ରିୟା ନାଥ ଲକ୍ଷ୍ମୀ ପ୍ରାଣସାଇଁ ହେ । ୨ ।
ଜୟ ଭକ୍ତଭବରଙ୍କ ଶ୍ରୀଶଚୀ ନନ୍ଦନ ।
ଅବତାର ଶିରୋମଣି ଜଗତ ବନ୍ଦନ ହେ । ୩ ।
ଜୟ କରୁଣାବରୁଣାଳୟ ରସରାଜ ।
ଆଜାନୁ ଲମ୍ବିତ ଭୁଜ ସର୍ବଦେବ ପୂଜ୍ୟ ହେ । ୪ ।
ଜୟ ପତିତପାବନ ଅଗତିର ଗତି ।
ବିନୋଦ ନାଗର ସୁରସିକ ଚକ୍ରବର୍ତ୍ତୀ ହେ । ୫ ।
ଜୟ ଦୁରିତ ଦଳନ ଶୋକ ତାପହାରୀ ।
ସର୍ବ ଶକ୍ତିବନ୍ତ ବିଭୁ ଗୋଲୋକବିହାରୀ ହେ । ୬ ।
ଜୟ ଭକ୍ତ ହୃଦାପୁକ ପ୍ରେମାନନ୍ଦ ଧାମ ।
ମହାଭାବ ସ୍ୱରୂପୀ ଶ୍ରୀମନ୍ତ କୋଟିକାମ ହେ । ୭ ।
ଜୟ ଶ୍ରୀକୃଷ୍ଣ-ଚୈତନ୍ୟ ନବ ନଟବର ।
ବିଶ୍ୱବିମୋହନ ଠାଣି ଅତ୍ୟନ୍ତ ସୁନ୍ଦର ହେ । ୮ ।
ଜୟ ସତ୍ୟ ସନାତନ ନିତ୍ୟ ନିରଞ୍ଜନ ।
ପାଷଣ୍ଡ ଭ୍ରମ ଭଞ୍ଜନ ଗରବ ଗଞ୍ଜନ ହେ । ୯ ।

Digitized by srujanika@gmail.com

ଜୟ ଉଦ୍ଦଣ୍ଡ ନର୍ତ୍ତକ ମହାଭୁଜ ନଟକା ।
ଦୁଃଖୀ ବୈଷ୍ଣବ ଦାସର ସକଳ ଜୀବନା ହେ । ୧୦ ।

ଶ୍ରୀଚୈତନ୍ୟ ଦୟାନିଧି

ଉଦ୍ବେଳୋଦ୍ଧୃତ ଖେଦୟା, ବିଷଦୟା, ପ୍ରୋନ୍ମୀଳଦାମୋଦୟା
ସାମ୍ୟଚ୍ଛାସ୍ତ୍ର ବିବାଦୟା, ରସଦୟା, ଚିତ୍ତାର୍ପିତୋନ୍ମାଦୟା ।
ଶଶ୍ୱଦ୍ଭକ୍ତି ବିନୋଦୟା, ସମଦୟା, ମାଧୁର୍ଯ୍ୟ ମର୍ଯ୍ୟାଦୟା
ଶ୍ରୀଚୈତନ୍ୟ ଦୟାନିଧେ ! ତବ ଦୟା ଭୂୟାଦ ମନ୍ଦୋଦୟା ।

(ସ୍ୱର—ଶଙ୍କରାଭରଣ)

ହେ ଚୈତନ୍ୟ ଦୟାନିଧି ଭକତ ବତ୍ସଳ ।
ଅବତହେଲେ ଉପୁଡ଼ାଇ ଭଅ ଭେଦ ମୂଳ ।
ଶୋକ ଦୁଃଖ ବିନାଶନ ।
ତୁମ୍ଭ ଦୟାବଳେ ସୁନିର୍ମଳ ହୁଏ ମନ । ୧ ।
ପ୍ରେମ ଆନନ୍ଦ ପ୍ରକାଶ କରଇ ସାଧନ ।
ଶାସ୍ତ୍ରବାକ୍ୟେ କରୁଏ ଯେ ବିବାଦ ଭଞ୍ଜନ ।
ସାଧ୍ୟ ବସ୍ତୁ ଲଭ ପାଇଁ ।
ଜୀବର ତର୍କ ବିତର୍କ ଯିଅଇ ଛଡ଼ାଇ । ୨ ।
ଶ୍ରେଷ୍ଠ ଜୀବ ହୃଦୟରେ ରସ ଦାନ କରେ
ଚିତ୍ତେ ଉନ୍ମାଦନା ଦାନେ ସର୍ବ କଷ୍ଟ ହରେ ।
ସଦା ଭକ୍ତି ସୁଖ ବିତ୍ତ ।
ପ୍ରଦାନ କରି କରଇ ଚିତ୍ତ ବିନୋଦିତ । ୩ ।
ସମ ଦୃଷ୍ଟିଦାନ କରୁଏ ଯେ ସର୍ବସରେ ।
ନିରନ୍ତରେ ମଗ୍ନ କରେ ମାଧୁର୍ଯ୍ୟ ରସରେ ।
ଜଗନ୍ମଙ୍ଗଳ କାରଣ
ମାଗଇ ବୈଷ୍ଣବ ଦାସ ସେହି ଦୟାଧନ । ୪ ।

Digitized by srujanika@gmail.com

ନଦୀୟାବାସୀ

(ଢୋଇଥାନ୍ତି ଇନ୍ଦ୍ର ପରି—ବୃତ୍ତେ)

ହେ ଗଙ୍ଗାତୀର ବିହାରୀ । (ମହାପ୍ରଭୁ !)
କୃପାକର ଶଚୀ ଅଞ୍ଚଳ ଶିଶୁ ॥
ନଦୀୟା ବାସି ! ମୁଁ ତୁମ୍ଭ ପ୍ରେମ ଭିଖାରୀ । ୧ ।
ଆଚଣ୍ଡାଳେ କୋଳ କରି (ମହାପ୍ରଭୁ !
ଆପେ ହରିନାମ ଦେଲ ବିତରି ।
ନଦୀୟା ବାସି ! ଆଜନ୍ମ ପାପୀଙ୍କି ତାରି । ୨ ।
କେତେ କେତେ ନର-ନାରୀ (ମହାପ୍ରଭୁ !)
ଲଭିଛନ୍ତି ପ୍ରେମ ଧନ ତୁମ୍ଭରି ॥
ନଦୀୟା ବାସି ! ଛିଣ୍ଡାଇ ସଂସାର ଡୋରି । ୩ ।
କବେ ଭିକ୍ଷା ଝୁଲି ଧରି (ମହାପ୍ରଭୁ !)
ବୈଷ୍ଣବ ଦାସ କରେ ଗୁହାରୀ ॥
ନଦୀୟା ବାସି । ଭବାର୍ଣ୍ଣବୁ କର ପାରି । ୪ ।

କଳିଯୁଗ ଧର୍ମ

(ଏକଦିନେ ପହୁଁ ହାସି—ବୃତ୍ତେ)

ହରିନାମ ସଂକୀର୍ତ୍ତନ ଏକା କଳିଯୁଗ ଧର୍ମ
ତପ ଯାଗ ଧ୍ୟାନେ କିବା କାର୍ଯ୍ୟ ?
ବୃହଯୁଗେ ବୃହମତ ପ୍ରଭୁ କହିଛନ୍ତି ସ୍ୱେଚ୍ଛ
ଏହି ତତ୍ତ୍ୱ ଭଲକରି ବୁଝ । ୧ ।
ଆରେ ମୋ ଅବୋଧମନ ନାମ ବିନୁ ସବୁ ଶୂନ୍ୟ
ଆଜ୍ଞା ଦେଲେ ସୁଆଙ୍ଗ ତାମସ ।
ଏଣୁ ସବୁ କର୍ମ ତେଜ କେବଳ ଶ୍ରୀନାମ ଭଜ
ନାଶ ହେବ ଅଶେଷ କଳୁଷ । ୨ ।

Digitized by srujanika@gmail.com

ପାଷଣ୍ଡୀ ପାତକୀ କେତେ ତରିଗଲେ ଏ ଜଗତେ
ଶ୍ରୀହରି ନାମଟି ଆଶ୍ରେ କରି ।
ମହାପାପୀ ଅଜାମିଳ ନ ବୁଝି ନାମର ବଳ
ଥରେ ମ ୫ ଡାକ ଗଲା ତରି ।୩।
ଶ୍ରୀଚୈତନ୍ୟ ନିତ୍ୟାନନ୍ଦେ ତବାଧା ହୋଇଣ ବନ୍ଦେ
ନିସ୍ତରିଲେ ଜଗାଇ ମାଧାଇ ।
ହରି ବୋଲ ଶବଦର ମହିମା ଅନନ୍ତ ଅପାର,
ଦୁଃଖୀ ବୈଷ୍ଣବ ଦାସ କହି ।୪।

ଗୌର ନିଦ୍ରାଭଙ୍ଗ

(କୃଷ୍ଣ କଥା ଶୁଣ ଗୋପୀ ସକଳ---ବୃତ୍ତ)

ଉଠ ଗୋରା ଶ୍ରୀହରି ପାହିଲା ନିଶୀ । ଜାଗିଲେଣି ସବ ନଦୀୟା ବାସୀ ।୧।
ଡାକିଲେଣି କାକ କୁକୁଟମାନେ । ଅରୁଣ ଉଦୟ ହେଲେ ଗଗନେ ।୨।
ଫୁଟିଲେଣି ଜଳେ କମଳକୁଳ । କଇଁଫୁଲ ତେଜିଲାଣି ଭ୍ରମର ।୩।
ମୟୂରମୟୂରୀ କୋକିଳ ସ୍ୱନ । ଶୁଣ କନା ବାପ ଗୌର ମୋହନ ।୪।
ବାତ୍ସଲ୍ୟବତୀ ଶ୍ରୀଶଚୀଜନନୀ । ଉଠାନ୍ତି ଗୌରଙ୍କୁ ମଧୁର ଭଣି ।୫।
ସେ ଗୌରଚନ୍ଦ୍ରଙ୍କ ପଦାରବିନ୍ଦେ । ଅଧମ ବୈଷ୍ଣବ ଦାସିଆ ବନ୍ଦେ ।

ସାଧୁସଙ୍ଗ ପ୍ରାର୍ଥନା

(ଚନ୍ଦ୍ରମା ବଦନୀ ଝିଅ---ବୃତ୍ତ

ମହାପ୍ରଭୁ ଶ୍ରୀଗୌରଙ୍ଗ ।
ଘୋର କଳିକାଳ ମତ୍ତ ମାତଙ୍ଗ ହେ ।
ମୋତେ ଦିଅ ତବ ଭକ୍ତ ସଙ୍ଗ, ଗୌରଙ୍ଗ ହେ ।୧।

Digitized by srujanika@gmail.com

ଶଚୀମାତାଙ୍କ ସନ୍ତାନ :

ଦମ୍ଭ ଅଭିମାନ ଦଅ ମୋ ଟାଳ ହେ ।
ଦନ ଯାଉ ଭବ ବ୍ରଣ ଜ୍ୱାଳ, ଗୌରାଙ୍ଗ ହେ ।୨।
ନଦୀୟା-ଗଗନ ଇନ୍ଦୁ
ଗଣ୍ଡଦାତା ହର ପତିତ ବନ୍ଧୁ ହେ ।
କର କରୁଣା କରୁଣା-ସିନ୍ଧୁ, ଗୌରାଙ୍ଗ ହେ ।୩।
ଶ୍ରୀନାମ ଭଜନ କର ।
ଏ ଘଟରୁ ପ୍ରାଣ ଯାଉଁ ବାହାର ହେ ।
ଶ୍ରୀଛାମୁରେ ଏତକ ଗୁହାରି, ଗୌରାଙ୍ଗ ହେ ।୪।
ଦୁଃଖୀ ବଇଷ୍ଣବ ଦାସ ।
ମାଗୁଛି ଶ୍ରୀବ୍ରଜମଣ୍ଡଳେ ବାସ ହେ ।
ଅକିଞ୍ଚନେ ନ କର ନିରାଶ, ଗୌରାଙ୍ଗ ହେ ।୫।

ଦୟାଳୁ ସାମନ୍ତ

(ଶ୍ୟାମ ଜାଣେ ମୋହନ ବୁଝି--ବୃତ୍ତେ)

ଗୋରା ମୋ ଦୟାଳୁ ସାମନ୍ତ, ବୁଝିନଅ ତାର ଭାବ କେମନ୍ତ । ଦୋହା
ପତିତ ସ୍ତ୍ରୀ ଶୂଦ୍ର ଚଣ୍ଡାଳେ, ନାମ ଯାଚ ଦେଲେ ଯେ ବଳେ ।
ଦେବଙ୍କ ଦୁର୍ଲ୍ଲଭ ବ୍ରଜପ୍ରେମ ଦ୍ରବ୍ୟ ଲଭିଲେ ଅଚିରେ ସୁଭାଗ୍ୟବନ୍ତ ।୧
ହରିସଂକୀର୍ତ୍ତନ ଉପରେ, ମଜାଇଲେ ଦେଶ ଦେଶାନ୍ତରେ ।
ପରିକର ବୃନ୍ଦ ହୋଇଣ ଆନନ୍ଦ ତଜପାଶେ ବେଢ଼ି କରନ୍ତି ନୃତ୍ୟ ।୨।
ପାଷାଣ୍ଡ ଦଳନ ଧ୍ୱଜାକୁ, ଉଡ଼ାଇଲେ ଫୁଲାଇ ବୁକୁ ।
ମ୍ଲେଚ୍ଛ ଯବନାଦି ସଭିଙ୍କି ତାରିଲେ ନ ହୋଇ ତିଳାର୍ଦ୍ଧେ କୁଣ୍ଠିତ ଚିତ୍ତ
ବଇଷ୍ଣବ ଦାସ କହଇ, ଆରେ ଆଶ୍ରେ କର ନିତାଇ ।
ଭବଭୟତାପ ହୋଇଯିବ କ୍ଷୟ ଭକ୍ତିଧନ ପାଇଁ କାଲେ ଯେମନ୍ତ ।୩।

Digitized by srujanika@gmail.com

ହରି କଥା

(ହରି ହରି କବେ ହବ ବୃନ୍ଦାବନ ବାସୀ---ବୃତ୍ତେ)

ଚନ୍ଦନ ଚର୍ଚ୍ଚିତ ଅଙ୍ଗେ ଶ୍ରୀଗୌରାଙ୍ଗ ଶଶି ।
ହରି କଥାରେ ଚନ୍ଦ୍ରଲ ଅଗଣାରେ ବସି ହେ ।୧।
ସଙ୍ଗେ ଶ୍ରୀଅଦ୍ୱୈତ ଚନ୍ଦ୍ର ପ୍ରଭୁ ନିତ୍ୟାନନ୍ଦ ।
ଗଦାଧର ଶ୍ରୀନିବାସ ମୁରାରି ମୁକୁନ୍ଦ ହେ ।୨।
ସକଳେ ବସିଅଛନ୍ତି ବ୍ରଜରସେ ମାତି ।
ଗାୟନ କରନ୍ତି ପ୍ରଭୁ ଅଶ୍ରୁଜଳେ ତିନ୍ତି ହେ ।୩।
ହା କୃଷ୍ଣ ହା କୃଷ୍ଣ ବୋଲି ଅତି ଉଚ୍ଚସ୍ୱରେ ।
କ୍ରନ୍ଦନ କରନ୍ତି ଗୌର ମଣ୍ଡଳୀ ମଧ୍ୟରେ ହେ ।୪।
ମହାପ୍ରଭୁଙ୍କର ଦେଖି ଏମନ୍ତ ବ୍ୟାକୁଳ ।
ଅଧୀର ହୋଇ କାନ୍ଦନ୍ତି ବୈଷ୍ଣବ ସକଳ ହେ ।୫।
ସେ କ୍ରନ୍ଦନ ରୋଳ ଶୁଣି ନେତ୍ରୁ ଢାଳି ଜଳ ।
କାତରେ କାନ୍ଦଇ ଦାସ ବୈଷ୍ଣବ ପାଗଳ ହେ ।୬।

ସାଧନ ପଥ

(ଦାଣ୍ଡରେ ଶୁଭଇ ରାମକୃଷ୍ଣ---ବୃତ୍ତେ)

ମହାପ୍ରଭୁ ଗୌରଚନ୍ଦ୍ର ଅନାଥଙ୍କ ନାଥ ।
ଫିଟାଇ ଦେଇ ଅଛନ୍ତି ସେ ସାଧନ ପଥ ।
ମନ ସେହି ପଥେ ଚଳ ।
ବିଷୟ କାନନେ ଭ୍ରମି ନ ହୁଅ ପାଗଳ ।୧।
ଶ୍ରୀ ଗୌର ଶିକ୍ଷା ଅମୃତ ସଦା କର ପାନ ।
ବିଷୟ ଗରଳ ଭକ୍ଷି ନ ହୁଅ ଅଜ୍ଞାନ ।
ମନ କହୁଛି ବୁଝାଇ ।
ଭୋଳ ହୋଇ ନ ଯା ଖାଇ ବିଷୟ ଗଞ୍ଜାଇ ।୨।

Digitized by srujanika@gmail.com

ଦାସ ଗୋସ୍ୱାମୀଙ୍କ ପ୍ରତି ଶ୍ରୀଗୁରୁ ଆଦେଶ ।
ଭକ୍ତିମାର୍ଗର ତତ୍ତ୍ୱ ସେବ ଅହର୍ନିଶ ।।
ମନ ବିଳାସ ବାସନା ।
ଅଭିମାନ ଶୂନ୍ୟହୋଇ ଦୂରେ ଠେଲ କନା ।୩।
ସାଧକ କଣ୍ଠ ଭୂଷଣ ଶ୍ରୀ ନାମ ଭଜନ ।
ପ୍ରେମାନନ୍ଦେ ଏହି ଧନ କର ଅରଜନ ।
ମନ ବୈଧି କର୍ମମାନ ।
ଦୃଢ଼ ବୈରାଗ୍ୟକୁ ସେହୁ କଣ୍ଟକଟି ଜାଣ ।୪।
ମହାଜନମାନଙ୍କର ଉପଦେଶ ପାଳ ।
ପରିହର ସମୂଳେ ତୁ ମାୟା ଜଞ୍ଜାଳ ।।
ମନ୍ତୁ ଯିବ ତୋର ପ୍ରାଣ ।
ବୁଝାଇ କହଇ ଦୁଃଖି ବଇଷ୍ଣବ ଦାସ ।୫।

ହରିବୋଲିଆ

(ନ ଭେଜବ ମୁରଲୀଧର—ବୃତ୍ତ)

ହୁଅ ଭାଇ ! ହରିବୋଲିଆ ।
ସଙ୍କୀର୍ତ୍ତନ ଚଇତନ୍ୟ ଚୋଲିଆ । ଘୋଷା ।
ବୈଷ୍ଣବ ଗୋଷ୍ଠି ସଙ୍ଗରେ ମିଶି, ନାଚ ରଚ ଦିବସ ନିଶି
ନିଷ୍ଟପେ ନର୍ମଳପଥ ଯିବ ଦିଶି ନ ହୋଇବୁ ଆଉ ଜଲବଲିଆ ।୧।
କି ହୋଇବ ମାଳା ଲୁଜନେ, ଯେବେ ନାହିଁ ମନ ଧ୍ୟାନେ,
ଭଣ୍ଡ ତପସ୍ୱୀ କି ବୋଲାଇ ଜୀବନେ ଘଣ୍ଟ ହେବ ଶେଷେ ଧୂନଦାଲିଆ ।୨।
ଜୀବେ ଦୟା ନାମେ ଶରଧା, ରଖିଥାଅ ନ ଘଣ୍ଟ ବାଧା,
ନ ପାଇବୁ କେବେ ଏମନ୍ତ ସୁବିଧା ଆନେର ମଣ୍ଡଳୀ ପସାରଣିଆ ।୩।
ମୋତେ ଲାଗେ କହ ପାଗଳା, ଚିନ୍ତ କନା ସେ ନନ୍ଦବଳା,
ଶ୍ରୀଗୁରୁ ଚରଣେ ଦେଇଲେ ମଥା ତଳା ଧରି ନ ପାରିବ କାଳଜାଲିଆ ।୪।

Digitized by srujanika@gmail.com

ସଦା ସାଧୁ ସଙ୍ଗକୁ ଭଜ ନ ପାଡ଼ରେ ଖଳଙ୍କ ପାଶ,
କହଇ ପାମର ବଇଷ୍ଣବ ଦାସ ଚରଣ ତୁଳସୀମାଳା ଝୁଲିଆ ।୫।

—*—

ହୃଦୟ ଦେବତା

(ଜୟ ରେ ଜୟ ରେ ଗୋରା ଶ୍ରୀଶଚୀନନ୍ଦନ---ବୃତ୍ତ)

ହୃଦୟ ଦେବତା ମୋର ନଦୀୟା ନିମାଇଁ ।
ନିରତେ ତାହାଙ୍କ ନାମ ଜପୁଥିବି ମୁହିଁ ।୧।
ହୃଦୟ ମନ୍ଦିରେ ପ୍ରେମ-ଭକ୍ତି ସିଂହାସନେ ।
ବିଜେ କରିଥାନ୍ତୁ ଗୌର ପ୍ରୀତି ପୁଷ୍ପାସନେ ।୨।
ଏକମନେ ପୂଜୁଥିବି ଗୌରାଙ୍ଗ ପୟର ।
ଅନ୍ୟ ଅଭିଳାଷେ କିଛି କାର୍ଯ୍ୟ ନାହିଁ ମୋର ।୩।
ବଇଷ୍ଣବ ଦାସ ବୋଲେ ଗୌର ମୋ ସମ୍ବଳ ।
ସଦା ଜପୁଥିବି ଗୌରଚନ୍ଦ୍ର ନାମ ମାଳ ।୪।

—o—

ସେବା ପ୍ରାର୍ଥନା

(ନାମ କୀର୍ତ୍ତନୀୟା ପ୍ରେମ ନର୍ତ୍ତନୀୟା)

ଊଣା ନୋହୁ ମୋର ସେବା ହେ ସୁନ୍ଦର ନବଦ୍ୱୀପ ସୁଧାକର ।
ଉତଳରେ ଯାଚ ଦିଅ ଭୃତ୍ୟପଣ ଦୟାମୟ ବିଶ୍ୱମ୍ଭର (ମହାପ୍ରଭୁ)
ଉଦାସୀନ ଭାବେ ଖଟିଥିବି ନିତ୍ୟ ଅନ୍ୟ ଅଭିଳାଷ ଛାଡ଼ି ।
ଉଦର ଚିନ୍ତାରେ ଯାଇ ନ ହୋଇବ ନିମିଷେ କି ଏକ ଘଡ଼ି ।୨।
ଉନ୍ମତ୍ତ ନୃତ୍ୟରେ ବେନି ବାହୁ ଟେକି ଡାକୁଥିବି ହରି ହରି ।
ଉଚ୍ଚାରିବି ପୁଣି ହାହା ପ୍ରାଣନାଥ ହାହା ହୃଦୟ-ବିହାରୀ ।୩।
ଉଷାକାଳୁ ସଞ୍ଜଯାଏ ଲାଗିଥିବ ତବ ସେବା ଆଚରଣେ ।
ଉତ୍କଟ ବିଷୟ ବିଷକୁ ହଟାଅ ବଇଷ୍ଣବ ଦାସ ଭଣେ ।୪।

Digitized by srujanika@gmail.com

ରସରାଜ ଗୌରାଙ୍ଗ

(ଭଜ ରେ ମନ ରାମନାମ ଆନ ଅପ୍ରନେ ଯା—ବୃତ୍ତ)

ରସରାଜ ଗୌରାଙ୍ଗ ମୂରତି ଅଶରଣଜନ ଗତିରେ ।
ପ୍ରସନ୍ନ ଥିଲେ ସେ ଦୁଃଖ କି ରହିବ ? ଚିନ୍ତା କି ମୂଢ଼ ମତିରେ ।ଘୋଷା।
ଜଗାଇ ମାଧାଇ ଆଦି ପାପୀଗଣେ, ପାପୁ କହିଥିଲେ ଯା ଅନୁସରଣେ
ସେହି ବଶୀମନ୍ତ୍ର, ତପ୍ପାର ଆଧାର,
ତିନି ଭୁବନର ପତିରେ ।୧।
ପ୍ରାଣନାଥ ବୋଲି ଡାକ ତାଙ୍କୁ ଆର୍ତ୍ତେ;
ଭରସା ହୋଇବେ ତୋ ସ୍ମରଣ ମାତ୍ରେ
ଶ୍ରୀଗୁରୁ ବୈଷ୍ଣବରୂପେ ଯବ୍ୟ ଆଜ୍ଞା
ଦେଉଛନ୍ତି ରହି କତିରେ ।୨।
ଏମନ୍ତ ଠାକୁର ଥାଉଁ ଥାଉଁ ତୋର
କି ଭାବନା କରୁ ଆରେ ମନ ମୋର
ସବୁ ଅବତାର ଶିରୋମଣି ଗୌର
ନାଶିବେ ଶମନ ଭୀତିରେ ।୩।
କହେ ଦୀନହୀନ ବୈଷ୍ଣବ ଦାସ,
ଏ ଜଞ୍ଜାଳୁ ଝସି ସାଧୁସଙ୍ଗେ ବସ
ପାଇବୁ ଅପୂର୍ବ ଆନନ୍ଦ ସମ୍ପଦ,
ଯୁଗଳ ଲହରି ଛିତିରେ ।୪।

— ⁂ —

ଗୌରାଙ୍ଗ ଅଭିଷେକ

(ଗୌରଚନ୍ଦ୍ରଙ୍କର ବଦନ ଶୋଭାକୁ---ବୃତ୍ତ)

ନଦୀୟା ନଗରେ, ପ୍ରତି ଘରେ ଘରେ
ଉଠିଲା ଆନନ୍ଦ ଧ୍ୱନି ।

ଶ୍ରୀ ଗୌରଚନ୍ଦ୍ରଙ୍କ— ଅଭିଷେକ ବିଧି,
କେ ଅବା ପାରେ ବରଣ ଗୋ ।୧।
ଚୂତପତ୍ର ସଙ୍ଗେ, ଫୁଲ ହାରମାନ
ଧାଡ଼ି ଧାଡ଼ି ଯାଏ ଶୋଭି ।
ଶୁକ୍ଳ, ନୀଳ, ପୀତ ସୁରଙ୍ଗ ପତାକା
ଉଡ଼େ ଅତି ମନ ଲୋଭି ଗୋ ।୨।
ବିଟପ ବୃନ୍ଦୁଆ, ଶ୍ରେଣୀ ଶ୍ରେଣୀ ନୂଆ,
ଖମ୍ବେ ପାଟ ପୀତାମ୍ବର ।
ବିବିଧ ଝାଲରି, ଲମ୍ବ କେଶ କେଶ,
ମଣି ମୋତି ସରି ସରି ଗୋ ।୩।
ବାଜେ ନାନା ବାଦ୍ୟ ଶଙ୍ଖ ଭେରୀ ନାଦ,
ଉଚ୍ଛୁଳେ ନଦୀଆପୁର ।
ହରିନାମ ସଙ୍ଗେ ନାରୀଗଣ ରଙ୍ଗେ,
ଦେଉଛନ୍ତି ହୁଳହୁଳି ଗୋ ।୪।
ଶତ ଶତ ଭକ୍ତ, ଆସି ଉପଗତ,
ଆନନ୍ଦେ ସକଳେ ଭୋଳ ।
ଦୀନ ଅକିଞ୍ଚନ ବଇଷ୍ଣବ ଦାସ
ଭାଗ୍ୟେ ନାହିଁ ସେ ସମ୍ବଳ ଗୋ ।୫।

ଗୌରାଙ୍ଗ ରୂପ

(ଏକମୁଖେ କେ କହିବ ଗୌରାଙ୍ଗ ମହିମା—ଲୁଚେଇ)

ଗୌରାଙ୍ଗ ରୂପଟି ମୋର ନୟନ ପିତୁଳି ।
ଶ୍ରୀଅଙ୍ଗ ଚନ୍ଦନ ମୋର ଗୌର ପଦ ଧୂଳି ।୧।
ଗୌର ନାମ ମୋର ! କଣ୍ଠ ସୁନାମାଳି ।
ଗୌର ଗୁଣ ଗାୟନ ମୋ ଶ୍ରବଣ ସଙ୍ଗାଳି ଗୋ ।୨।

Digitized by srujanika@gmail.com

ଗୌର ଛଡ଼ା ତୁଳସୀ ମୋ ଚରଣ ଔଷଧି ।
ଗୌରାଙ୍ଗର ଲାଗିଫୁଲ ମୋ ଅମୂଲ୍ୟ ନିଧି ଗୋ ।୩।
ଗୌର ମୂର୍ତ୍ତିଟି ମୋର ନେତ୍ରେ କଲା ଘର ।
ଗୌର ଲାଗି ପାଶୋରିଛି ଏ ମାୟା ସଂସାର ଗୋ ।୪।
ଗୌର ଛବି ଦେଖି ଦେଖି ଯାଉ ମୋ ଜୀବନ ।
ଗୌର ଗୌର ବୋଲି ସଦା ବଞ୍ଚୁଥିବ ମନ ଗୋ ।୫।
ଗୌର ଚିତ୍ର ପ୍ରତିମାକୁ ପୂଜୁଥିବ ନିତି ।
ଗୌର ଅନୁଗତ ବୋଲି ହାସଉଛି ଜାତି ଗୋ ।୬।
ଗୌର ମନ୍ତ୍ର ମାଳା ମୋର ସର୍ବସ୍ୱ ଗୋ ସଖି ।
ଗୌର ପଦ ଜଳ କୃପା ଭିକ୍ଷାରଟି ମୂର୍ଦ୍ଧ୍ନି ଗୋ ।୭।
ଗୌରଦାସ ଅନୁଦାସଙ୍କର ପଦେ ଆଶ ।
ଗୌର ରୂପ ଚିନ୍ତାକରେ ବଙ୍କିମ ଦାସ ଗୋ ।୮।

ରୂପାନୁରାଗ

ନଦୀୟା ନାଗରୀ ଉକ୍ତି

(ଯଜ୍ଞ ମଧ୍ୟେ ମହାଯଜ୍ଞ ନାମ—ବୃତ୍ତେ)

ଭୁବନ ମୋହନ ଛବି ଦେଖି ଆଲୋ ସଖି ।
କନକ ଚମ୍ପକ ଗୋରା କି ଶୋଭା ଦିଶଇ ଗୋ ।
ଅପରୂପ କାନ୍ତି ତାର ଦିଶେ ଝଲମଲ ।
ନବୀନ ନଟନ ଠାଣି କେମନ୍ତ ମଞ୍ଜୁଳ ଗୋ ।୨।
ନଦୀୟା ପୁରନ୍ଦର ବୃନ୍ଦ ଶଚୀର ନିମାଇଁ ।
କେ ବୋଲେ ଏ କ୍ଷୀରବ୍ଧିର ଗୋପର କହ୍ନାଇଁ ଗୋ ।୩।
ନୟନରେ ଏ ରୂପକୁ ଦେଖିଥିଲେ ଥରେ ।
ପାଶୋରି ପାରିବ କେବା କହିତ ମାତରେ ଗୋ ।୪।

Digitized by srujanika@gmail.com

ପ୍ରେମର ପ୍ରତିମା ଏ ତ ଭାବର ମୂରତି ।
ସମସ୍ତ ନେହାଇବ କି କୋଟି ରତିପତି ଗୋ । ୫ ।
ଅନୁକ୍ଷଣେ ସେ ଗୋରାର ରୂପ ଅନୁରାଗେ ।
ବଇଷ୍ଣବ ଦାସ ଦ୍ୱାରେ ଦ୍ୱାରେ ଭିକ୍ଷା ମାଗେ ଗୋ । ୬

ଯୁଗଳ ତତ୍ତ୍ୱ

(ଜୟ ଜୟ ଗୁରୁ ଗୋସାଇଁ ଶ୍ରୀଚରଣ ସାର—ବୃତ୍ତେ)

ଯେହୁ ବ୍ରଜରାଜ-ସୁତ ବୃନ୍ଦାବନ ଚନ୍ଦ୍ର ।
ସେହୁ ଶ୍ରୀ ଗୌରାଙ୍ଗ ଶଚୀ ଶ୍ରୀ ସଚ୍ଚିଦାନନ୍ଦ ହେ । ୧ ।
କଳିଯୁଗେ ପ୍ରେମାନନ୍ଦ ରସେ ଗଢ଼ା ତନୁ ।
ଦୟାମୟ ନଦୀୟା ବିହାରୀ ଶଚୀସୁନୁ ହେ । ୨ ।
ସଙ୍କୀର୍ତ୍ତନେ ରତ ସଦା ଊର୍ଦ୍ଧ୍ୱ-ବାହୁ ତୋଳି ।
ପାପୀ ତାପୀ ନିସ୍ତାରିଲେ କରି କୋଳାକୋଳି ହେ । ୩ ।
ଉଦ୍ଦଣ୍ଡ ନର୍ତ୍ତନେ ଭୋଳ ଭକ୍ତଗଣ ମେଳେ ।
ବଇଷ୍ଣବ ଦାସ ବନ୍ଦେ ସେ ପଦ କମଳେ ହେ । ୪ ।

ହୃଦୟ-ନିଧି

(କାହ୍ନୁ କହେ ଶଣ—ବୃତ୍ତେ)

ମୋ ହୃଦୟ ନିଧି, କରୁଣା ବାରିଧି,
ନଦୀୟା ନିମାଇଁ ଚାନ୍ଦ ।
ହରି ସଙ୍କୀର୍ତ୍ତନେ, ନିଜ ଭକ୍ତ ସନେ,
ବିତରିଲେ ସୁଖାନନ୍ଦ ହେ । ୧ ।

Digitized by srujanika@gmail.com

ଛୋଟା ଗୋପୀନାଥ,   ଶ୍ରୀ ଅଙ୍ଗେ ସେଣ୍ଟ ଚ,
ବଧା ଭାବେ ହେଲେ ମ୍ଳାନ ।
ଭକ୍ତ ଛାପଦାଗ,   ଚାପୀ ଛାପୀ ଛାଉ,
ରଖିଲେ ଚରଣ ଚିହ୍ନ ହେ । ୨ ।
ଲୋକ ହିତକାରୀ,   ଢ଼ାଳି ନେତ୍ରୁ ବାରି,
ଦାନ ଧ୍ୟାନ ଭାବେ ପରା ।
ଆଶ୍ଳିଷ୍ଟାଳେ ଧରି,   ପ୍ରେମେ କୋଳକରି,
ବାଣ୍ଟିଲେ ନାମ ପସରା ହେ । ୩ ।
ଏମନ୍ତ ସାମନ୍ତ,   ଠାକୁର ଶ୍ରୀମନ୍ତ,
ରଖିଲେ ଶ୍ରୀନାମ ଟେକ ।
ତାଙ୍କ ଅଦର୍ଶନେ,   ଶାନ୍ତ ନାହିଁ ମନେ
ହଜେ ମୋ ବୁଦ୍ଧି ବିବେକ ହେ । ୪ ।
ପାଇବି କି ସତେ,—   ନାହିଁ ମନେ ପ୍ରତେ
ଦର୍ଶନ ଦେବେ କି ଗୋରା ।
କଇସ୍ତୁବ ଦାସ,   କରଇ ପ୍ରକାଶ,
ଗୌର ଭାବେ ହୋଇ ଭୋର ହେ । ୫ ।

ଗୌର ପ୍ରେମ-ମାଦକ

(କଳା କଳେବର କହ୍ନାଇଁ — ବୃତ୍ତି)

ଶ୍ରୀ ଗୌରାଙ୍ଗ ପ୍ରେମ ମାଦକ ଯାକୁ ଧାରୁଛନ୍ତି ସଦା ।
ସେ କି ରଖିପାରେ ନମିତ୍ତ ଜାତି କୁଳ ମର୍ଯ୍ୟାଦା । ୧ ।
ଶ୍ରୀ ଗୌରାଙ୍ଗ ପ୍ରେମ ମାଦକ ବଳେ ଯେ ହେଲା ଭୋଳା ।
ସେ କି କଟିପରେ ଅନଚ୍ଛ୍ୟ ବନ୍ଧୁ ଖାଇ ଫଶୋଳା । ୨ ।

Digitized by srujanika@gmail.com

ଶ୍ରୀ ଗୌରାଙ୍ଗ ପ୍ରେମ ମାଦକେ ଯେତୁ ବାଇ ବାଉଳ ।
ସେ କ ଲଭିପାରେ ସ୍ୱତନ୍ତ୍ର ଅଭିମାନର ମୂଳ । ୩ ।
ଶ୍ରୀ ଗୌରାଙ୍ଗ ପ୍ରେମ ମାଦକ ଝୁଙ୍କ ଝୁଙ୍କିଲା ତନୁ ।
ବୈଷ୍ଣବ ଦାସ ନ ଜାଣେ କହୁ କେସେ ଗୌର ଶନୁ । ୪ ।

ନିତ୍ୟାନନ୍ଦ-ପ୍ରେମ-ପଦାର୍ଥ

(କହ ଯୋଗୀବର କି ନାମ ଭ୍ରମର—ବୃତ୍ତେ)

ନିତ୍ୟାନନ୍ଦ ପ୍ରେମ — ପଦାର୍ଥର ସମ
ନାହିଁ ଭବେ ଆନ ବସ୍ତୁ ।
ଅପୂର୍ବ ଅମୂଲ୍ୟ, ଅଟେ ସେ ଅତୁଲ୍ୟ,
କ୍ଷଣକେ ହରଇ ଚିନ୍ତା । ୧ ।
ଏହି ପ୍ରେମ-ସାଚ, ବିନାମୂଲ୍ୟ ପାଚ-
ଦଅନ୍ତି ନିତାଇ ଚନ୍ଦ ।
ଚହ୍ନଣ ଗ୍ରାହକେ, ମହା କଳ୍ପଭୁକେ
ଯେଜନନ୍ତି ହୋଇ ଆନନ୍ଦ ।
ମଧୁର ମଧୁର, ଅତି ସୁମଧୁର,
ଯା ଠାରୁଁ ମଧୁର ନାହିଁ ।
ଥରେ ଆସ୍ୱାଦନ — କରିଥିଲେ ମନ
ନ ବଳଇ ଆନେ କାହିଁ । ୩ ।
ଜାତିର ବିଚାର, ଏଥେଁ ନାହିଁ ବାର,
ପାତ୍ରାପାତ୍ର ନାହିଁ ବସ୍ତୁ ।
ବୈଷ୍ଣବ ଦାସ, ବୋଲେ ଧାଇଁ ଆସ,
ସେବନପିବ ମନଇଚ୍ଛା । ୪ ।

Digitized by srujanika@gmail.com

ଗୌରନାମାମୃତ

(ଶପୁନେ କାଳିଆ, ସ୍ୱପନେ କାଳିଆ—ବୃତ୍ତେ)

ଗୌର ନାମାମୃତ ମଧୁର କେମନ୍ତ
ପାନକର ଆରେ ମନ ।
ଭବ ବ୍ୟାଧି ଯିବ ଅନ୍ତେ ମିଳିବ,
ଶ୍ରୀବ୍ରଜ ମଣ୍ଡଳେ ସ୍ଥାନ । ୧ ।
କଳିଯୁଗେ ସାର ଶ୍ରୀ ଗୌର କିଶୋର
ଭଜନ ପୂଜନ ବିଧି ।
ଜନମ ସଫଳ ହୋଇଯିବ ତୋର
ଅର୍ଜିବୁ ଅମୂଲ୍ୟ ନିଧି । ୨ ।
ଉଦ୍ଧାର ହୋଇବୁ ଶମନ ଦଣ୍ଡରୁ
ଶ୍ରୀ ଗୌରଙ୍କ କୃପାବଳେ ।
ଅଳସୁଆ ନୋହି ଗାଅ ଗାଅ ତୁହି
ଏହି ନାମ ତାଳେ ତାଳେ । ୩ ।
ଆପେ ତରିଯିବୁ ଆନକୁ ତାରିବୁ
ଭବେ ବୋଲାଇବୁ ଧନ୍ୟ ।
ବଇଷ୍ଣବ ଦାସ ବୋଲେ ନାମ ଭ୍ୟାସ
କର ନ ହୁଅ ଅଜ୍ଞାନ । ୪ ।

—୦—

ଶଚୀମାତାଙ୍କ ବିଳାପ

(ମରମ ଯାତନା ଅହି । କି କହିବ ତୋତେ ଗୋ---ବୃତ୍ତେ)

ଆହା ମୋ ନିମାଇଁ ଗୃହ, ଆହା ମୋ ନିମାଇଁ ରେ ।
କେଣେ ଗଲୁ ବାପଧନ କେଉଁ ସୁଖ ପାଇଁ ରେ ? । ୧ ।
କେଡ଼େ ଶରଧାରେ ତୋତେ ଥିଲି ମୁଁ ବଢ଼ାଇ ରେ ।
ସବୁ ସୁଖ ଶ୍ରଦ୍ଧା ଏବେ ନେଲୁଚ ଛଡ଼ାଇ ରେ । ୨ ।

Digitized by srujanika@gmail.com

ଜନ୍ମ ହୋଇଥିଲୁ ତୁ କି ଗୋପର କହ୍ନାଇ ରେ ?
ମାଆ ଯଶୋଦା ଗରଭୁ, ଭାଲ ହେଲା ମୁହିଁରେ ।୩।
ଧନ ସାରବଛି ଆଜ ତା'ମୁକ୍ଷ ମନାଇଁ ରେ ।
ନ ଯେଣିଲୁ କଥା ଯେତେ କହିଲୁ ଯେମାଇଁ ରେ ।୪।
ଯ ଇଥିଲ ଧନ ! କେତେ ଜଣଙ୍କୁ ମନାଇଁ ରେ ।
ବେଲକୁ ଦାରୁଣ ଜନ୍ମ ସନ୍ଧ୍ୟା ତ ନାହିଁ ରେ ।୫।
ଚେତା ଧରଣୀ ବିଷ୍ଣୁପ୍ରିୟା ବାହୁଣୀ ପଗଇ ରେ ।
କାନ୍ଦ କାନ୍ଦ ଆକୁଳରେ ପଡ଼ୁଛି ଭୂମାଇଁ ରେ ।୬।
ଶୁଣୁଛୁ ସନ୍ନ୍ୟାସୀ ହେଲୁ କାନ୍ଦୁଆରେ ଯାଇଁ ରେ ।
ବଇଷ୍ଣବ ଦାସ କୋଲେ ପିଛ ଜ ମୁଁ ଧାଇଁ ରେ ।୭।

— — —

ନୂଆ ସନ୍ନ୍ୟାସୀ

(ସରଗ ଶଶୀ ! ମୋ କଳାକାହ୍ନୁ ହାତେ—ବୃନ୍ଦେ)

ନଦିଆ ବାସୀ, ଆହେ ନଦିଆ ବାସୀ ।
କି ଲାଗି ଶ୍ରୀଗୌରାଙ୍ଗ ନୂଆ ସନ୍ନ୍ୟାସୀ ହେ ।
ନଦିଆ ବାସୀ । ଘୋଷା ।
ଦୋଳୁ ନାହିଁ କର୍ଣ୍ଣେ ସେ ହେମ-କୁଣ୍ଡଳ ।
ଆଜ ନାହିଁଟି ସେ କୁଞ୍ଚିତ କୁନ୍ତଳ ହେ ।୧।
ହୃଦ ମଣ୍ଡି ଛି ସେଉଁ ମୁକୁତା ହାର ।
କି ଭାବି ଫିଙ୍ଗି ଦେଲେ ଦୁଃଖ ପାଶୋର ହେ ।୨।
କେ ନେଲା ସୁନାଖଡ଼ୁ, ପଦ ନୂପୁର ? ।
ନୃତ୍ୟ ବାଜେଣି ତଳା ସୁନା ଘୁଙ୍ଗୁର ହେ ।୩।
ଧରଣୀ ବିଷ୍ଣୁପ୍ରିୟା, ଜନନୀ ଶଚୀ ।
ହୋଇଣ ଦରମର ଅଛନ୍ତି ବଞ୍ଚି ହେ ।୪।

Digitized by srujanika@gmail.com

ଅଳପ ବୟସିଆ ନିମାଇଁ-ଚନ୍ଦ ।
କରିଇ ଗଲେ ଆମ୍ଭମାନଙ୍କୁ ଅନ୍ଧ ହେ ।୫।
କହେ ବୈଷ୍ଣବ ଦାସ ନିହ୍ନ ପାଗଳ ।
ଦେଖିବା ତାଙ୍କୁ ଶାନ୍ତ ପ୍ରକୃ ସ୍ଥିର ହେ ।୬।

ବିଷ୍ଣୁପ୍ରିୟାଙ୍କ ବିଳାପ

(ନୀଳାଚଳ ସୁରେ ଯାତାୟାତକରେ—ବୃତ୍ତେ)

ଆହା କି କରିବି କେଉଁଠିକି ମୁଁ ଯିବି ଦିଶୁନାହିଁ ବୁଦ୍ଧି ବାଟ ।
ଜୀବନ ଠାକୁର କାହିଁ ଛାଡ଼ିଗଲେ ନ ଦେଇ ଯା କାଳକୂଟ ।
ତୁମ୍ଭ ବିନେ ପ୍ରଭୁ କିପରି ମୁହିଁ, ପରାଣ ଧରିବି ଦିଅ ବଞ୍ଚାଇ ।୧।
କହୁଥିଲ ଦିନେ କଥା ପ୍ରସଙ୍ଗରେ ସନ୍ନ୍ୟାସୀ ହୋଇବିବୋଲି ।
ସତେ କି ହେ ନାଥ ସେହି କଥା କଲ ସକଳ ଜଞ୍ଜାଳ ଭୁଲି ? ।
ପରିହାସ ପରି ମଣିଥିଲି, ତେଣୁ ସେ ବାଣୀ ବିଶ୍ୱାସ ନ କଲି ।୨।
ଚାଟପିଲାମାନେ କହୁଥିଲେ ଦିନେ ତୁମ୍ଭର ପୂରୁବ କଥା ।
ଆମ୍ଭ ଗୁରୁଦେବେ ସନ୍ନ୍ୟାସୀ ହୋଇବେ ଶୁଣି ଜୋଡ଼ି ହେଲି ମଥା ।
କୋଥିଲେ ସେମାନେ ଚରଣ ଧରି, ତାହା ଥିଲା ମଧ୍ୟ ମନେ ମୋହରି
ହରି ନାମରଙ୍ଗୀ ତୁମ୍ଭ ଏ ସେବକା କି କାରଣେ ଥିବ ଏଥି ।
ସନ୍ନ୍ୟାସୀ ଘରଣୀ ହେଉ ସନ୍ନ୍ୟାସିନୀ ନେଇଯାଅ କରି ସାଥି ।
ଏ ଲାଗି ତୁମ୍ଭଙ୍କୁ ନୋହିବ ନିନ୍ଦା; ଶ୍ରୀପଦେ ଏ ପ୍ରାଣ ଦେଉଛି ବନ୍ଧା
ମାଆ ଠାକୁରାଣୀ ଛାଡ଼ି ସାରିଲେଣି ତୁମ୍ଭ ବିହନେ ଆହାର ।
ନିମାଇଁ ନିମାଇଁ ବୋଲି କାନ୍ଦୁଛନ୍ତି ବୁହାଇ ଲୋତକ ଧାର ।
ବୁଝାଇଲେ ସେତ ବୁଝୁନାହାନ୍ତି, କହୁଛନ୍ତି କାହିଁ ମୋ ସୁନାହାଣ୍ଡି
ବିଷ୍ଣୁପ୍ରିୟା ସତୀ ରୋଦନ କରନ୍ତି ପତିଙ୍କ ଗୁଣ ବାଖାଣି ।
ବୈଷ୍ଣବ ଦାସ ହୃଦେ ଲାଗେ ପ୍ରାଣ ତାହାଙ୍କ କ୍ରନ୍ଦନ ଶୁଣି ।
କେ ଅବା ରହିବ ଧୈର୍ଯ୍ୟ ଧରି ? ସାରା ନବଦ୍ୱୀପେ କାନ୍ଦଣା ହୁରି ।

— —

Digitized by srujanika@gmail.com

ନଦୀୟା-ନାଗରୀଙ୍କ ବିଳାପ

(ବଦନକର କଥା ସଖି ! – ବୃତ୍ତେ)

କେଜାଣେ ଗୁଡ଼ିଚଲେ ସଖି ! ଆମ୍ଭ ଗୌରେଶ୍ୱର ଗୋ ।
ଭକତମାନଙ୍କ ନେତ୍ର ଆନନ୍ଦ-ପସର ଗୋ । ୧ ।
ବିଷ୍ଣୁପ୍ରିୟା କଣ୍ଠମଣି ଶଚୀ ଗଣ୍ଠି ଧନ ଗୋ ।
ନବଦ୍ୱୀପ ଗଗନର ହେ ପୂର୍ଣ୍ଣ-ଚନ୍ଦ୍ର ଗୋ । ୨ ।
ଶ୍ରୀବାସ ଅଗଣା ଆହା କେଡ଼େ ନାରଖାର ଗୋ ।
ନଚନ୍ତି ନାହାନ୍ତି ଆଜ ଗଉର-ସୁନ୍ଦର ଗୋ । ୩ ।
ପରିକର ବୃନ୍ଦ ବସି ହେଉଛନ୍ତି ଝୁର ଗୋ ।
ଝୁରୁଛନ୍ତି ଶୋକାକୁଳେ ଲୋତକ ଢାଳି ଗୋ । ୪ ।
କହୁଆ ନଗରେ ଛନ୍ତି ଯାଉଛନ୍ତି ତ ଶୁଣା ଗୋ ।
କେ କହେ ହେଲେଣି ଯୋଗୀ ଧରି ଝୁଲିମୁଣା ଗୋ । ୫ ।
ବଇଷ୍ଣବ ଦାସ ବୋଲେ କାହାର ଆୟୁତ ଗୋ ?
ଗୋରା ଲାଗି ପ୍ରାଣ ଦିବ ଏ କଥାଟି ସତ ଗୋ । ୬ ।

ଅନାଥବନ୍ଧୁ

(କରୁଣା କଟାକ୍ଷ ବାନା—ବୃତ୍ତେ)

ନଦୀୟା ପୂର୍ଣ୍ଣ ଇନ୍ଦୁ । ଅଭୟ ରକ୍ଷଣ କରୁଣାସିନ୍ଧୁ ଯେ ।
ସେ ତ ଅନାଥମାନଙ୍କ ବନ୍ଧୁ, ମୋ ଗଉରେ । ୧ ।
ଦୁଃଖୀ ଦରିଦ୍ରଙ୍କ ଧନ । ପତିତଜନଙ୍କ ପୁଣ୍ୟ ପାବନ ଯେ ।
ସେ ତ ଭକ୍ତମାନଙ୍କ ଜୀବନ, ମୋ ଗଉରେ । ୨ ।
ଗଜଦାନ୍ତ ମତ୍ତ ନେତ୍ର । ଶୁଦ୍ଧ ଜମ୍ବୁନଦ କନକ ଗୋରା ଯେ ।
ସେ ତ ସକଳ-ଦୁଃଖ ପାଶୋରା, ମୋ ଗଉରେ । ୩ ।

Digitized by srujanika@gmail.com

ଘୀନ ବଇଷ୍ଣବ ଦାସ । ଅନାଥ ବନ୍ଧୁଙ୍କ ଡାସାନୁଦାସ ଯେ ।
ଧ୍ୟାନେ ପାଭନାର୍ଥି ଅବକାଶ. ମୋ ଭାଇ ରେ । ୪ ।

ଅନୁସରଣିଆ

[ମୁଁ ହେବ କ, ଶ୍ୟାମବନ୍ଧୁ ଭକ୍ତକ - କୃତେ]

ଶ୍ରୀ ଗୌରଚନ୍ଦ୍ର ପଦ୍ମଚରଣେ (ମୁଁ) ।
ରହିଥିବ ଭକ୍ତ ଅନୁସରଣେ (ମୁଁ) । ଘୋଷା ।
ସାଦା ହେବେ ଗୋରା ଦୁଃଖ ହରଣେ ।
ବନ୍ଧୁ ମୋ ସେହି ଜୀବନେ ମରଣେ (ମୁଁ) । ୧ ।
କୃପାକୁ ଯେହୁ ପ୍ରେମ ବିତରଣେ ।
ରହିବ ତାଙ୍କ ଶ୍ରୀ ନାମ ସ୍ମରଣେ (ମୁଁ)। ୨ ।
ଗୌରଭକ୍ତ ଭବ ମନୁକରଣେ ।
ବନକାଳ ନେବ ସେହି ଧରଣେ (ମୁଁ) । ୩ ।
ମଣ୍ଡିବ ଗୌରଙ୍କୁ ସ୍ୱ-ଆଭରଣେ ।
ଥାଇ ମହାଜନଙ୍କ ଆଚରଣେ (ମୁଁ) । ୪ ।
ଭଜନ-ତୁଳସୀ ମାଳ ଧାରଣେ ।
ଜୀବ ଯିବ ସଙ୍ଗେ ଶାନ୍ତି କାରଣେ (ମୁଁ) । ୫ ।
ଆଶ୍ରିତ ସଦା ବାରଣ ତାରଣେ ।
ଦାସ ବଇଷ୍ଣବ ଅର୍ପିତ ଭଣେ (ମୁଁ) । ୬ ।

Digitized by srujanika@gmail.com

ବାଇଆ ବେଶ

[ହାଣ୍ଡି ଝୁଲୁଛି ଗୋ, ଦିଶୁଛି କେଡ଼େ ସୁନ୍ଦର—ବୃତ୍ତ]

କେଡ଼େ ପସନ୍ଦରେ, ମୋର ଏ ବାଇଆ ବେଶ ।
ହରି ହରି ବୋଲି ଯେବେ ଭିକ୍ଷାଝୁଲି ବୁଲିବାକୁ ଦେବ ଦେଶ । ଘୋଷା
ପାଞ୍ଚ ଦେଇଛନ୍ତି ଗୁରୁ ପ୍ରାଣପତି କପଟ ନ ରଖି ଲେଶ ।
ତୁଳସୀର ମାଳ ତିଳକ ପଞ୍ଝାଳ ଶିରେ ଶ୍ରୀ ଚୈତନ କେଶ ।୧।
ହରେ କୃଷ୍ଣ ରାମ ଷଡ଼କ୍ଷର ନାମ ଏହି ଚୈତନ୍ୟ ଆଦେଶ ।
ସେ କରୁଣାମୟ ଥିଲେଟି ସଦୟ ପାଶୋର ନ ଯିବ କ୍ଲେଶ ।୨।
ନିକଟରେ ପଡ଼ି ଥିବ ଏ ପଦାର୍ଥ କି କରିପାରେ ଯମଦେଶ ।
ସଦା ହେଉଥିବ ଶ୍ରୀରାଧା ଗୋବିନ୍ଦ ଯୁଗଳ ଭାବେ ଆବେଶ ।୩।
ଯେଉଁ ଗଦାଧର ନଦୀୟା ବିହାରୀ ଭକ୍ତବତ୍ସଳ ଭକ୍ତେଶ ।
ସେ ଗୌରାଙ୍ଗପଦ ମୋ ସର୍ବ ସମ୍ପଦ ବାଣ୍ଟିଲେ ନ ହୁଏ ଶେଷ ।୪।
ଆଉ ବଡ଼ପଣ ପାଉ ଜଳପୋଡ଼ି ଥାନ୍ତୁ ସାହା ହୃଷିକେଶ ।
ବଇଷ୍ଣବ ଦାସ ଭଣେ ହରିବୋଲି ଅନ୍ତେ ନ ଲଭିବ କ୍ଲେଶ ।୫।

ଗୌରାଙ୍ଗ ରୂପ ମାଧୁରୀ

(ବହୁଦିନ ପରେ ବନ୍ଧୁ ହେ ଏଲ—ବୃତ୍ତ)

ଦେଖ ଗୋ ସଙ୍ଗାତ ନୟନ ଭରି । କି ଅପୂର୍ବ ଶ୍ରୀଗୌରାଙ୍ଗ ମାଧୁରୀ ।
ଶୁଦ୍ଧସ୍ୱର୍ଣ୍ଣ କାନ୍ତି ଅତି ଲାବଣ୍ୟ । ଦଶେ ଜଳ ଜଳ ଦେଉର ବର୍ଣ୍ଣ ॥
ମଧୁର ଅଧରେ ମଧୁର ହସ । କରଚନ୍ଦ୍ରଲୋଚନେ ଝଲମଲ
ବାହୁ ଯୁଗଳକୁ ଉର୍ଦ୍ଧ୍ୱରେ ଟେକି । କାହାପ୍ରେମେ ଗୋରାପଣ୍ଡିତ ଲେଖି ।
କା ଭାବେ ପୁଣି ବୁଜନ୍ତି ନୟନ । କା ଲାଗି ଝୁରନ୍ତି ଏ ଛନ ଛନ ॥
ହସନ୍ତି କାନ୍ଦନ୍ତି କାହିଁକି ଗୌର । ଅଧରଯ୍ୟେ ହୋଇ ଲୋଟନ୍ତି ପର ॥
କେ ଜାଣି ପାରିବ ଗୌରାଙ୍ଗ ତତ୍ତ୍ୱ । ସେ ଜାଣନ୍ତି ଯିଏ ତାହାଙ୍କ ଭକ୍ତ
ବଇଷ୍ଣବ ଦାସ କହଇ ଭାବ । ଶ୍ରୀ କଚେଶ୍ୱର ଭାବେ ଏସବୁ ଛବ

ପ୍ରଭାତି

(ରାଇ ଜାଗ, ଶ୍ୟାମ ଜାଗ—ବୃତ୍ତେ)

ଆହେ ଗୌରମଣି ଭକ୍ତଙ୍କର ନେତ୍ର ଶିରୀ ।
ଉଠ ଉଠ ଜନା ପାହିଲାଣିଟି ଶର୍ବରୀ ।୧।
କାକ କୁକ୍‌କୁଟ ଖଞ୍ଜନ ମୟୂର ମୟୂରୀ ।
କୋକିଳ ବସନ୍ତ ପକ୍ଷୀ ସ୍ୱନ ସୁମାଧୁରୀ ।୨।
ଜାଗିଲେଣି ନଗରେ ହେ ସର୍ବ ନରନାରୀ ।
କୁମୁଦିନୀ ପାଶୁଁ ଭୃଙ୍ଗେ ଆସୁଛନ୍ତି ଫେରି ।୩।
ଫୁଟି ହସିଲେଣି ଜଳେ ପଦ୍ମ ମୋଦ ଭରି ।
ଷଟ୍‌ପଦଗୁଁ ଉଡ଼ିଲେଣି ଗଗନ ଚନ୍ଦ୍ରାରୀ ।୪।
ପ୍ରିୟ ସଖାଗଣ ତୁଣ୍ଡ ତୂମ୍ବ ଲଗି କରି ।
ବିଳମ୍ବ ନ କରି ତାଙ୍କୁ ନିଅ କୋଳକରି ।୫।
ଦର୍ଶନ ଲାଳସେ ତବ ଶ୍ରୀମୁଖ ମାଧୁରୀ
ଅଧମ ବୈଷ୍ଣବ ଦାସ ଅଛି ଅନୁସରି ।୬।

—*—

ଗୌର ନିତାଇ ଭଜନ

(ପାଖି ବୋଲେ ଜୟ ରାଧେ ଜୟ—ବୃତ୍ତେ)

ଭଜନରେ ଭଜରେ ଭାଇ ଗୌରାଙ୍ଗ ନିତାଇ ।
ଗୌର ନାମ ସାର କର ଆନେ କାର୍ଯ୍ୟ ନାହିଁ ।୧।
ଏ ମିଥ୍ୟା ସଂସାରେ ଏକା ହରି ନାମ ସାର ।
କଳିକାଳେ ଗୌର ବିନେ ନାହିଁ ପ୍ରତିକାର ।୨।
ହରିନାମ ନାବଖଣ୍ଡି ଆଶ୍ରେକର ଭାଇ ।
ବିନାଧନେ ତରିଇବେ ଶ୍ରୀଗୁରୁ ତରାଇ ।୩।

Digitized by srujanika@gmail.com

ନ ଲଗେ ଟଙ୍କା କଉଡ଼ି ହେବାପାଇଁ ପାର ।
ଏକା ଉଚ୍ଚସ୍ୱରେ ହରିନାମ ଗାନକର । ୪ ।
ସର୍ବ କର୍ମ ଧର୍ମ ଛାଡ଼ି ନାମେ ରଖ ଶ୍ରଦ୍ଧା ।
ବୈଷ୍ଣବ ଦାସ ବୋଲେ ନ ପଡ଼ିବ ବାଧା । ୫ ।

—※—

ନିତ୍ୟାନନ୍ଦ-ପ୍ରେମଲଡ଼ୁ

(ଗୌର ନିତ୍ୟାନନ୍ଦ ବୋଲ ଏ ଦୁଇ ଠାକୁର—ବୃତ୍ତେ)

ନିତ୍ୟାନନ୍ଦ ପ୍ରେମ ଲଡ଼ୁ ଅତ୍ୟନ୍ତ ମଧୁର ।
ଯେ ଖାଇଛି ସେ ଜାଣିଛି ବାସ ମନୋହର ହେ । ୧ ।
ନିତ୍ୟାନନ୍ଦ ପ୍ରେମ ଲଡ଼ୁ କେ ନେବରେ ଆସ ।
ଡାକୁଛି ଅଧମ କାଙ୍ଗାଲ ବୈଷ୍ଣବଙ୍କ ଦାସ ହେ । ୨ ।
ନିତ୍ୟାନନ୍ଦ ପ୍ରେମଲଡ଼ୁ ଯେତେ ନେବ ନିଅ ।
ମସଲା ସବୁରେ ମିଶିଅଛି ଖାଣ୍ଟି ଘିଅ ହେ । ୩ ।
ନିତ୍ୟାନନ୍ଦ ପ୍ରେମଲଡ଼ୁ ଅଟେ ଅସରନ୍ତି ।
ପାଗଳ ବୈଷ୍ଣବ ଦାସ ଯାଚଇ ଏ ଯାନ୍ତି ହେ । ୪ ।

—o—

ନୀଳାଚଳ ପଥେ

(ଦେଖ ସଖୀ କି ସୁନ୍ଦର – ବୃତ୍ତେ)

ନୀଳାଚଳ ପଥେ ଗୋରା, ଧାଆନ୍ତି ପାଗଳ ପରା
ବେନି ନେତ୍ରୁ ଢାଳି ଅଶ୍ରୁଧାର ।
ଡାକି ସବେ କାନ୍ଦ କାନ୍ଦ— ହୋଇ ପ୍ରଭୁ ନିତ୍ୟାନନ୍ଦ
ଧାଉଁଛନ୍ତି ନିଜ ଚେତା ହାର । ୧ ।

Digitized by srujanika@gmail.com

ଏତ ଅଦ୍ଭୁତ ଲକ୍ଷଣ, ସେହି ଯାଇ ଦୁଇଜଣ,
ବଙ୍ଗଦେଶୁଁ ଉତ୍କଳେ ପଥିକ ।
ଦେଖନ୍ତି ବାଟୋଇଗଣ, ସେ ଦୁହିଁଙ୍କ ଆଚରଣ
ଅପ୍ରାକୃତ ପୁଣି ଅଲୌକିକ ।
ହୁଁ ହୁଁକାର ଗରଜନେ ପଡ଼ନ୍ତେ ଥନ ଥନେ
ଅଧୈର୍ଯ୍ୟ ହୁଅନ୍ତି ଗୌର ହରି ।
କେବେ କେବେ ମୂର୍ଚ୍ଛାଗତ ଶଚୀ ଦେବୀଙ୍କର ସୁତ,
କି ଭାବେ ହୁଅନ୍ତି ଏତେ ସର ? ୧ ।
କେ ଜାଣିବ ଗୌର ମନ, ଏକା ଗୌର ଭକ୍ତ ଭିନ୍ନ,
ଆନ ଜନଙ୍କୁ ତା ଅଗୋଚର ।
ବୈଷ୍ଣବ ଦାସ ଭଣେ, ନମି ଶ୍ରୀ ଗୌର ଚରଣେ,
ପିଣ୍ଡରୁ ପରାଣ ଯାଉ ମୋର । ୪ ।

—○—

ଶ୍ରୀ ଗୌର ଗମ୍ଭୀର

(ଗଉର ମୋହର ଲଜନ ପଜନ—ବୃତ୍ତ)

କ୍ଷେତ୍ର ନୀଳାଚଳେ, କାଶୀ ମିଶ୍ର ଆଳେ,
ଶ୍ରୀ ଗୌର ଗମ୍ଭୀର ପୀଠ ।
ସେ ଯେ ସୁବିଖ୍ୟାତ, ଅଟଇ ସର୍ବତ,
ନାମ ରାଧାକାନ୍ତ ମଠ ହେ । ୧ ।
ସେହିଠାରେ ଗୌର, ରାଧା ଭାବେ ଭୋର,
ହୋଇଥିଲେ ଅହର୍ନିଶ ।
ଶ୍ରୀ ସ୍ୱରୂପ ଚନ୍ଦ, ରାୟ ରାମାନନ୍ଦ,
ସଙ୍ଗରେ ଗୋବିନ୍ଦ ଦାସ ହେ । ୨ ।

Digitized by srujanika@gmail.com

ଶ୍ରୀ ପୁରୁଷୋତ୍ତମେ ଶ୍ରୀ ବ୍ରଜମାଧୁରୀ
ପ୍ରକଟାଇ ଥିଲେ ଗୋରା ।
ଲଳିତା ବିଶାଖ, ରୂପେ ଦୁଇ ସଖା,
ସେ ଆସ୍ୱାଦନ୍ତି ପରା ହେ । ୩ ।
ଶ୍ରୀ ବକ୍ରେଶ୍ୱରଙ୍କ,— ଅବସ୍ଥାନ ସ୍ଥଳ
ଦର୍ଶନେ ଘୁଚଇ ପାପ ।
ବଇଷ୍ଣବ ଦାସ, ବୋଲେ ଚହିଁ ଥିଲେ
କି କରିପାରେ ସନ୍ତାପ ହେ । ୪ ।

ନାମାମୃତ

(ମଣି ତମାକେ ଗୋବଧ – ବୃତ୍ତେ)

ନାମାମୃତ ପାନେ ସର୍ବେ ହୁଅ ମଗ୍ନ ଆଜ ।
ଯେଉଁ ନାମ ବିତରିଲେ ଶ୍ରୀଶଚୀ ଦୁଲାଳ ॥
ଭାଇ ସେହି ନାମ ରସ ! ପାନ କରିଥାଅ ନ ଲାଗିବ କ୍ଷୁଧା ତାସ ।୧।
ସ୍ୱର୍ଗ ସୁଧା ଛାର କି ହୋଇବ ଏହା ସରି
ମଧୁର ଠାରୁ ମଧୁର ଅତ୍ୟନ୍ତ ମାଧୁରୀ
ଭାଇ ଗୁଣିଥାଅ କିନା । ଅନ୍ୟେ କିଛୁ ସୁଖ ନ ଲାଗିବ ନାମ ବିନା ।
ପ୍ରକୃତ ଅମୃତ ଗୌରକୃଷ୍ଣ ନାମାବଳୀ ।
ଆସ୍ୱାଦନେ ମତ୍ତଗଣ ଯିବଟି ବଦଳି ।
ଭାଇ କର ହେ ପରୀକ୍ଷା । ଶ୍ରୀଗୁରୁ ବୈଷ୍ଣବ ପାଶେ ବିଅନ୍ତୁ ଏ ଶିକ୍ଷା ॥
ନ ଲାଗେ ଟଙ୍କା କଉଡ଼ି ନୁହେ ବୋଝ ଭାର ।
ବେଦ୍ଧ ନେବଳ ବଡ଼େ କରୁଥିଲେ ବାରବାର ॥
ଭାଇ ପିଅ ନାମ ରସ । ବିନତି କରି କହଇ ବଇଷ୍ଣବ ଦାସ । ୪ ।

Digitized by srujanika@gmail.com

ଗଙ୍ଗାତୀର ଉତ୍ସବ

(ମାଲିମ କହସ୍ତେ ସାଜାଇ ଆଗେ—ବୃତ୍ତେ)

ନଗାସ୍ମା ନାମେ ଚସ ଉଦୟୁଗିଶ ।
ଉଦେ ପୂର୍ଣ୍ଣଚନ୍ଦ୍ର ଗଉରହର । ୧ ।
ପାପ ଅନ୍ଧକାର ହୋଇଲେ ନାଶ ।
ନେ ଜଗତର ମନ ଉଲ୍ଲାସ । ୨ ।
ହରିଧ୍ୱନ ହୁଏ ଭୂବନ ଭରି ।
ଉଛୁଳ ପଡ଼ଇ ଯେ ବସୁନ୍ଧରୀ । ୩ ।
ଆପଣା ମନରେ ଅଦ୍ୱୈତ ଗସ୍ୱେ ।
କରନ୍ତ ନୃତ୍ୟ ଆନନ୍ଦ ହୃଦସ୍ତେ । ୪ ।
ହରି ଦାସଙ୍କୁ ଯେ ଘେନଣ ସଙ୍ଗେ ।
ହୁଙ୍କାର କରନ୍ତ କାର୍ତ୍ତନ ରଙ୍ଗେ । ୫ ।
କାର୍ତ୍ତିକ ନାଚନ୍ତ କେହୁ ନ ଜାଣେ ।
ନଜ ମନଭାବ ନଜର ମନେ । ୬ ।
ନାଚ ନାଚ ଗଙ୍ଗାକୂଳକୁ ଗଲେ ।
ହରି ହରି ବୋଲି ସ୍ନାନ ସାଉଲେ । ୭ ।
ସେ ଅଦ୍ୱୈତ ପଦେ କରିଣ ଆଶ ।
ଜନ୍ମଲୀଳା କହେ ବୈଷ୍ଣବ ଦାସ । ୮ ।

ଭିକ୍ଷା

(ମୋହର କପାଳ ମନ୍ଦ କ କହବ— ବୃତ୍ତେ)

ଶ୍ରୀଚରଣେ ଏହ ଭିକ୍ଷା ଆହେ ଦୟାମୟ ।
ପତିତପାବନ ଗୌର ଦଅ ହେ ଆଶ୍ରୟ । ଘୋଷା ।
ମୋହ ଅନ୍ଧକାରେ ପଡ଼ି, ଘାଣ୍ଟି ହେଲି ଘଡ଼ ଘଡ଼,
ନ ବୁଝିଲି ତୁମ୍ଭ ତତ୍ତ୍ୱ ଭଜନ ବିଷୟ । ୧ ।

Digitized by srujanika@gmail.com

ଅସତ୍ୟକୁ ସତ୍ୟ ମଣି, ନ ଦେଖେ ଭକ୍ତ ସରଣୀ
ଭୁଲି ଏ ମିଛ ମାୟାରେ ଚିତ୍ତ ନୁହେ ଥୟ । ୨ ।
ପରିଣାମେ କିବା ଗତି, ଅଛନ୍ତି ଶ୍ରୀ ଲକ୍ଷ୍ମୀପତି,
କୃପାୟା ଗଉରଚନ୍ଦ୍ର ହୁଅ ହେ ସଦୟ ।୩।
ସଦା ଅପରାଧୀ ମୁହିଁ, ଧର୍ମ କର୍ମ ନ ଜାଣଇ;
ବୈଷ୍ଣବ ତାହର ନାଶକର ଯମ ଭୟ ।୪।

—o—

ଅନୁତାପ

(ଅକ୍ରୋଧ ପରମାନନ୍ଦ ନିତ୍ୟାନନ୍ଦ—ବୃତ୍ତେ)

ଆହା କେଡେ ମଦମତ୍ତ ମୁଁ ମହା ମୂରୁଖ ।
ନ ପାଇଲି କଣିକାଏ ଗୌର ପ୍ରେମ ସୁଖ ॥
(ଉହୁ) ହରାଇ ବସିଲି । ଗୌର ପ୍ରେମ ସୁଧା ନିଧି ॥
ହରାଇ ବସିଲି । ଧିକ ଧିକ ମୋର ବୁଦ୍ଧି ।୧।
ଦୀକ୍ଷା ଗୁରୁ ଶିକ୍ଷା ଗୁରୁଙ୍କର ଉପଦେଶ ।
ନ ପାଇଲି ଅର୍ଥ ଉପାର୍ଜ୍ଜନେ ହୋଇ ବଶ ॥
(ଉହୁ) କି କଲି କି କଲି । ଜାଣି ଏହା ଅରଜିଲି ॥
କି କଲି କି କଲି ! ପ୍ରେମ ସୁଧା ବରଜିଲି ।୨।
ଦାମ୍ଭିକ ସ୍ୱଭାବ ଘୁଚି ନ ଗଲା ମୋହର ।
ବୃଥା ଆଡମ୍ବରେ ମାତିଲି ଯା ନିରନ୍ତର ॥
(ଉହୁ) ମାୟାର କୁହୁକେ । ପଡି ବାଣ୍ଡି ହେଲି ସଦା ।
ମାୟାର କୁହୁକେ । ନିନ୍ଦା ଅରଜିଲି ଲୋକେ ।୩।

Digitized by srujanika@gmail.com

କେମନ୍ତେ ଉଦ୍ଧାର ହେବ ଏ ଭବାର୍ଣ୍ଣବରୁ ।
ବଇଷ୍ଣବ ଦାସ ଚିନ୍ତେ କାଞ୍ଚାକଲ୍ପତରୁ !
(ଉ ହ୍ବା) ଉଦ୍ଧାର କର ହେ । ଦୟାମୟ ପ୍ରଭୁ ଗୌର ।
ଉଦ୍ଧାର କର ହେ ! ଶଚୀସୁତ ବିଶ୍ୱମ୍ଭର ।୪।
(ଉଦ୍ଧଣ୍ଡ)

—o—

ସ୍ୱାଭୀଷ୍ଟ ଲାଳସା

(ଗୁର୍ଜ୍ଜରୀ ଚମକ ଚଉତାଲ—ବୃତ୍ତେ)

ଯାହା ଭାବେ ସଦା ମୁହିଁ ପାଗଳ ହୋଇଛି ।
ସେହି ଭାବ ହୃଦୟରେ ଲୁଚିଥାଇ କହି ।।
ଆଜ ବୃଥା ସବୁ ଦିନା ।
ହୃଦ-ବିହାରି ଜାଣନ୍ତି ହୃଦୟ ବେଦନା ।୧।
ଭାବଗ୍ରାହୀ ବିନା ଭାବ କେ କରେ ଗ୍ରହଣ ।
ଏଥିପାଇଁ ତାଙ୍କ ପାଦେ ନେଇଛି ଶରଣ ।।
କୁଳ ଅଭିମାନ ଛାଡ଼ି ।
କଳଙ୍କ ପସରା ବହିଅଛି ଲୋଡ଼ି ଲୋଡ଼ି ।୨।
କେ କହୁ ପାଗଳା ମୋତେ, କେ କହୁ ଚଗଲା ।।
କେ ବା କହୁଥାଉ ମୋତେ ବାର ଦ୍ୱାର ବୁଲା ।।
ନାହିଁ ସେଥିକି ଶୋଚନା ।
ମୋର ପ୍ରାଣବନ୍ଧୁ ଏକା-ନବଦ୍ୱୀପ ସୁନା ।୩।
କାନ୍ଦୁଥିବ ହସୁଥିବ ଗୋରା ଗୋରା ବୋଲି ।
ଭବର ବିଷ ଗୁଳିକୁ ଦୂରେ ଦେବ ଠେଲି ।
ନାହିଁ କାହିଁରେ ମୋ ଆଶ ।
କହେ ଦୀନ ହୀନ ଛାର ବଇଷ୍ଣବ ଦାସ ।୪।

———

Digitized by srujanika@gmail.com

ନାମ ପ୍ରେମ

(ଏସରେ ଏସରେ ଭାଇ, ଏସ ଏସ ଧାଇଁ—ବୃତ୍ତେ)

ହରି-ନାମ ପ୍ରେମେ ଆଜ ଉଛୁଳେ ଅବନୀ ।
ସର୍ବଜନ ମୁଖେଁ ଶୁଭେ ହରି ହରି ଧ୍ୱନି ।୧।
କୁଳବଧୂଏ ନାଚନ୍ତି ଥାଇ ଘର କୋଣେ ।
ଭୁବନ ଭରିଛି ନାମାନନ୍ଦେ ଯେଣେ ତେଣେ ।୨।
ପଶୁଏ କରନ୍ତି ନୃତ୍ୟ ହରି ନାମ ଶୁଣି ।
ବୃକ୍ଷ ଡାଳେ ପକ୍ଷୀଏ ନାଚନ୍ତି ଶ୍ରେଣୀ ଶ୍ରେଣୀ ।୩।
ଗଗନେ କରନ୍ତି ନୃତ୍ୟ ଦେବ ମହେଶ୍ୱର ।
ଅପୂର୍ବ ଆନନ୍ଦେ ନୃତ୍ୟ ମହାମାୟାଙ୍କର ।୪।
ଅନନ୍ତ ନାଗ ଯେ ନୃତ୍ୟ କରନ୍ତି ପାତାଳେ ।
ଅଷ୍ଟକୁଳା ନାଗ ନୃତ୍ୟ ନାଗୁଣୀଙ୍କ ମେଳେ ।୫।
ବୀଣା ଧରି ନାରଦ ନାଚନ୍ତି ଥେଇ ଥେଇ ।
ବ୍ରହ୍ମା ଇନ୍ଦ୍ର ଗନ୍ଧର୍ବ ନାଚନ୍ତି ଭୁହାଇ ।୬।
ନାଚେ ଚଉଦ ବ୍ରହ୍ମାଣ୍ଡ ସ୍ୱର୍ଗ ରସାତଳ
ହରି-ନାମ ପ୍ରେମେ ମାତି ପକାଲେ ବିହ୍ୱଳ ।୮।
ଶ୍ରୀହରି ପ୍ରେମ କୀର୍ତ୍ତନେ ନାଚିଲେ ସକଳେ ।
ସେ ସୁଯୋଗ ନାହିଁ ଦାସ ବୈଷ୍ଣବ କପାଳେ ।୯।

ଉହୁ ବା ଆଖର

ମୁର୍ଖିତ ଅଧମ ଜନ । ନାମେ ବୋଲିଲ ଭଜନ ।
ମୁର୍ଖିତ ଅଧମ ଜନ । ଅକାରଣେ ଗଲା ଦିନ ॥

Digitized by srujanika@gmail.com

ମୂର୍ଚ୍ଛିତ ଅଧମ ଜନ । ଚୈତନ୍ୟରେ ଦେଲ ମନ ॥
ମୂର୍ଚ୍ଛିତ ଅଧମ ଜନ । ହେବ କି ପାପ ମୋଚନ ॥
ଗୁରୁଦେବ ଦୟାକର । ନାଶ ମୋ ପାତକ ଭାର ॥
ଗୁରୁଦେବ ଦୟାକର । ସର୍ବ ଅପରାଧ ହର ॥
(ଜଗଦମ୍ପ ବାଦ୍ୟ)

ମଙ୍ଗଳମୟ ଗୌର ନିତାଇ

(ଆଜ ଆହା କି ଆନନ୍ଦ—ବୃତ୍ତେ)

ଶ୍ରୀ ଗୌରଚନ୍ଦ୍ର ଜୀବର ମଙ୍ଗଳ ଦାୟକ ।
ଗୋଲକ ବିହାରୀ କୋଟି ବ୍ରହ୍ମାଣ୍ଡ ନାୟକ ॥
ସେ ମଙ୍ଗଳମୟ ନାମ । ଅଳସୁଆ ନୋହି ଭଜ ଭଜ ଅବିରାମ ।
ଶିବକାନ୍ତ ଅର୍ପିତ ଧନ ଯାହା ଥିଲା
ଧନ୍ୟ କଳିଯୁଗ ଗୌର ବାଣ୍ଟିଲେ ତା ଭଲ ।
ଭଜ ଏମନ୍ତ ଠାକୁର । ପରମ ଦୟାଳୁମଣି ପ୍ରଭୁ ବିଶ୍ୱମ୍ଭର ।୨।
ନିତ୍ୟାନନ୍ଦ ପ୍ରେମଦାତା ଅବଧୂତ ରାୟ
ଜନମନ ବିମୋହନ ତାଙ୍କ ବ୍ୟବସାୟ ।
ଗୌରହରିଙ୍କ ଦକ୍ଷିଣେ । ବିହରିଲେ ନାମ ପ୍ରେମ ସେ ପ୍ରଭୁ ଆପଣେ ॥
ଏକମୁଖେ ଭକ୍ତମାନେ ଗାଅ ଗୌର ଗୁଣ ;
ଜୟ ନିତ୍ୟାନନ୍ଦ ବୋଲି କର ହେ କୀର୍ତ୍ତନ ।
ମହା ଆନନ୍ଦ ଲଭିବ । ବଇଷ୍ଣବ ଦାସ ବୋଲେ ପାପ ତାପ ଯିବ ॥

Digitized by srujanika@gmail.com

ନଦୀୟା ନାଗରୀ ଉକ୍ତି

(ଠଣି ମୁଖ ଦେଖିଥିଲୁ ଦିନେ—ବୃତ୍ତେ)

ଗୌରଚନ୍ଦ୍ର ସ୍ୱଭାବ ମନ୍ଦ କିବା କି ପାଶୋର ?
ନିତ ନୂଆ ନଆ ଭଙ୍ଗୀରେ ସଙ୍ଗୀନ ।
ଭୁଆଣ ତାଙ୍କର ରେ । ୧ ।
ଶଚୀଙ୍କ ନନ୍ଦନ ତାଙ୍କ ନିମାଇଁ ସୁନ୍ଦର ।
କାହୁଁ କେତେ ଶିଖିଛନ୍ତି ରେ ସଙ୍ଗୀନ !
ମୋହିନୀ ଛନ୍ଦରେ । ୨ ।
ଯେଉଁ ରଙ୍ଗ କରନ୍ତି ସେ ମିଶ୍ରଙ୍କର ଝିରି ।
କେଉଁ କୁଳବଧୂ ତାହାରେ ସଙ୍ଗୀନ ।
ପାଟିବ ମୁହୂର୍ତ୍ତ ରେ । ୩ ।
ଏରେ ଯେ ଦେଖିଛି ସୁନା ଗୋରାନୃତ୍ୟ ଛଇ ।
ବଇଷ୍ଣବ ଦାସ ଭଣେ ରେ ସଙ୍ଗୀନ ।
ଭାଗ୍ୟବନ୍ତ ସେହି ରେ । ୪ ।

—o—

ମନଃଶିକ୍ଷା

(ମାଧବ ଦାନ ବାନ୍ଧବ କୃଷ୍ଣ କେଶବ ଦଇତ୍ୟାରି—ବୃତ୍ତେ)

ଜାହ୍ନବୀ ତୀରେ ଯା ମନ ଧୀରେ ସାନନ୍ଦେ ଧାଇଁ ଧାଇଁ ରେ ।
ମାନ ମଦରୁ ଆନକୁ ଭଜ, ସୁଜ୍ଞାନ ଲଭିବା ପାଇଁ ରେ । ଧ୍ରୁ ।
କାନନ ବୁଲ କୁଞ୍ଜ ବିଳାସୀ, ହୋଇଛନ୍ତି ନବ ନଦୀୟା ବାସୀ ।
ଧ୍ୟାନକର ସେ ଗୌର ରୂପରାଶି, ଆନରେ କାର୍ଯ୍ୟ ନାହିଁ ରେ ।୧।
ସାନ ଦିନରୁ ଏତେ ଭୁଲି ହେଲୁ, ଦାନବାରିଙ୍କି ଯା ନଚିହ୍ନିଲୁ ।
ଦାନ ଧରମ କିଛି ହିଁ ନ କଲୁ, ମିଥ୍ୟା ମୋହେ ହୋଇ ବାଇ ରେ ।

Digitized by srujanika@gmail.com

ଗାନକର ଶ୍ରୀ ଗୋବନ୍ଦ ଗୁଣ, ଧ୍ୟାନ କର ଶ୍ରୀ ଗୌର ଭବନ,
ମାନ ଏ ମୋର କହିବା ବଚନ, ଧ୍ୟାନକେ ଏଡ଼ ନ ଦେଉ ରେ ।
ଧ୍ୟା ନବଦ୍ୱୀପ ଚନ୍ଦ୍ରମା ବୋଲି, ଗାନତ ଶିରେ ବିବାହୁ ଟୋଳି,
ପାନ କରଥା ନାମାମୃତ ରସ ବଇଷ୍ଣବ ଦାସ କହି ରେ । ୪ ।

—୦—

ରୂପାନୁରାଗ

(ବସିଚେ କଣୋଗ୍ର, ଉଠିଚେ କଣୋଗ୍ର— ବୃତ୍ତେ)

ଗଉରଚନ୍ଦ୍ରଙ୍କ ବଦନ ଶୋଭକୁ ଗଗନଚନ୍ଦ୍ର କ ସରି ?
ପରକାଶ ହୋଇ ଗାଇମାକୁ ଯୋଇ ଉଦ୍ଧିଛୁ କଳଙ୍କ ଧରି । ୧ ।
ଶୁଦ୍ଧ ଜମ୍ବୁନଦ ଶ୍ରୀ ଅଙ୍ଗ ପାକରେ ପଳିଛୁ ଲାବଣ୍ୟ ରାଶି ।
ଦାସ କେଉଁଛନ୍ଦା କହି କ ବର୍ଣ୍ଣିବ ଶେଷ ନୋହିବ ସାହସୀ । ୨ ।
ପ୍ରେମ ଆନନ୍ଦରେ ପ୍ରତି ଘରେ ଘରେ ଗାଉଛନ୍ତି ଗୌର ଗୁଣ ।
ଜୟ ଶବଦରେ ଉଛୁଳ ପଡ଼ୁଛି ଶ୍ରୀ ନବଦ୍ୱୀପ ଭୁବନ । ୩ ।
ବ୍ରଜ ରସେ ଭୋଳ ଶ୍ରୀ ଶଚୀଙ୍କ ବାଳ ରାଧା ଭାବେ ବିଭାବିତ ।
ଶ୍ରୀ ନାମ କୀର୍ତ୍ତନ ରଙ୍ଗଛଳେ ଗୌର ସବୁରି ବାଞ୍ଛିତ ଦ୍ୱିତ ; ୪ ।
ଆଚଣ୍ଡାଳେ ଧରି ହରି ହରି ବୋଲି ଆନନ୍ଦେ କରନ୍ତି କୋଳ ।
ମାହାପାପ କଛୁ ମାହ ନ ବାଛନ୍ତି ଉଠାଇ ପ୍ରେମ କଲ୍ଲୋଳ । ୫ ।
ଚରାଚର ବନ୍ଧୁ ପରି ସମସ୍ତଙ୍କୁ ସଙ୍ଗୋଳନ୍ତି ଅନୁରାଗେ ।
ବଇଷ୍ଣବ ଦାସ ଅଧମ ପାମର ସେ ଗୌର କରୁଣା ମାଗେ । ୬ ।

ମୋ ନିମାଇଁ

(ଉଠିଲୁ ଏଡେବେଳେ କାହିଁକି—ବୃତ୍ତେ)

ଘୁମାଇଁ ପଡ଼ୁ ଏତେ କାହିଁକି ରେ, ମୋ ନିମାଇଁ ।।
ଧନ । ନୟନ ମଳ ଅଧା ରୁହିଁକରେ । ଘୋଷା ।
ଭାଙ୍ଗି ନାହିଁ ଅଳସ, ଅରେ ପ୍ରାଣ ସର୍ବସ୍ୱ,
ଶୁଅ ଯା ଦଣ୍ଡେ ସ୍ଥିର ହୋଇକରେ । ୧ ।

Digitized by srujanika@gmail.com

ତାମ୍ବୂଳ ତୁଳ ଶେଯ, ହିଙ୍ଗୁ କର୍ପୂର-ରଜ,
ତୋ ପାଇଁ ରଖିଛୁ ଶେଯାଇ କ ରେ । ୨ ।
ବଙ୍କନେତ୍ର ମୁଁ ଧରିବେ, ମୟୂର ବଞ୍ଚଣିରେ,
ହୁଁ, ବାପ ! ମାରୁ କେଉଁଣେ ହାଇ ? କ ରେ ।୩।
ଜନନୀଙ୍କ ବଚନ,— ଟାଳ ନଗନ୍ମୋହନ,
ପଲଙ୍କେ ପହୁଡ଼ିଲେ ଯାଇଁ କ ରେ । ୪ ।
ସେ ଚରଣ-ସଞ୍ଜୀବ, ମଞ୍ଜାଳିବାକୁ ଲବ,
ଦାସ ବୈଷ୍ଣବ ଭାଗ୍ୟେ ନାହିଁ କ ରେ । ୫ ।

—*—

ନବ ନଟବର ଗୋରା

(ଖେଳ ମନ ବୃନ୍ଦାବନ କୁଞ୍ଜି ନ୍ତରେ ରଙ୍ଗବା ରେ—ବୃତ୍ତେ)

ନବ ନଟବର ଗୋରା ନବରଙ୍ଗେ ମଜ୍ଜାଏ ଗୋ ।
ନବ ନଦୀୟା ନାରୀଙ୍କ ଲଜ ଧୈର୍ଯ୍ୟ ହଜାଏ ଗୋ । ଘୋଷା ।
ନବ ଲାବଣ୍ୟ ମୂରତି, ନବ ନବ ଭାବେ ମାତି,
ନବ ନବ ବେଶେ ନଟି, ନବଭକ୍ତ ଖଞ୍ଜାଏ ଗୋ । ୧ ।
ନବ ପାଟ, ପୀତାମ୍ବର, ଅଙ୍ଗେ ପରିଧାନ କରି
ନବ ଚମତ୍କାରେ ଠାଣି ନବ ବାଦ୍ୟ ବଜାଏ ଗୋ । ୨ ।
ନବ ନବ ଭକ୍ତ ସଙ୍ଗେ, ନବ ପୁଲକିତ ଅଙ୍ଗେ ।
ନବ ବସନ୍ତ ସମୟେ, ନବ ଲୀଳା ବୁଝାଏ ଗୋ । ୩ ।
ନବ ନାଗର ଧୀମନ୍ତ, ନବ ନାଗରୀଙ୍କ ଚିତ୍ତ,
ନବ ଦାସ ବୈଷ୍ଣବର ମନ ପ୍ରାଣ ରଖାଏ ଗୋ । ୪ ।

Digitized by srujanika@gmail.com

ମନଃଶିକ୍ଷା

(ପ୍ରାଣସଙ୍ଗିନୀ ରେ, ଯାହା ମୁଁ ଦେଖିଲି-ବୃତ୍ତେ)

ମନ କହୁଛି ରେ, ଜନମ ନ କର ବୃଥା ।
ସନକାଦି ମୁନି ଯାହାଙ୍କୁ ଭଜନ୍ତି ସେ ପାଦେ ଲୁଟାଇ ମଥା । ଘୋଷା ।
କନକ ବରନ ଶ୍ରୀଗୌର ମୋହନ ପ୍ରଭୁଙ୍କର ଗୁଣ ଗାଥା ।
ଅନବରତରେ ଗାନ କର ଶୁଣ ମାନ ସାଧୁଜନ କଥା ।୧।
ଧନ ପରିଜନେ ତନମନ ହେଜ ଅନଳେ ପତଙ୍ଗ ଯଥା ।
ଘନ ଅନ୍ଧକାର ଘୋଟିଗଲା ବେଳେ କେଣିକି ଯିବୁ ଅନ୍ୟଥା ।୨।
ବନଜ ପଦୁର ଧ୍ୟାନ କର ଏବେ ଖଳଙ୍କ ମେଳରେ ନ ଥା ।
ଛନ ଛନ ନୁହ ଗରବ ଗୁମାନେ ଧର ଧୀରଙ୍କର ପନ୍ଥା ।୩।
ବନଉଦାସ ମନମଥ-ମଥନ ଦଇବେ ଯେହ୍ନେ ଚୋ ବ୍ୟଥା ।
ଅନର୍ଥକୁ ନ ପାଁ ବୈଷ୍ଣବ କହେ ଯା ତାହା ତୁ ହେଜୁ କରିଥା ।୪।

— ୦ —

ମନଃଶିକ୍ଷା

(ଶ୍ୟାମ ବନ୍ଧୁ ମୋ ନେତ୍ର ସଙ୍ଗୀତ—ବୃତ୍ତେ)

ହରିନାମ ସଦା କର ଗାନ ରେ, ଭୁଲିମନ ।
ହରି ବିନେ ନାହିଁ ପରିତ୍ରାଣ ରେ ଭୁଲି ମନ । ଘୋଷା
ଜଳେ ହରି ସ୍ଥଳେ ହରି, ଆକାଶ ପାତାଳେ ହରି,
ହରିମୟ ଦେଖ ତ୍ରିଭୁବନରେ । ୧ ।
ହରିଟି ସଂସାରେ ସାର, ହରି ଭବ କର୍ଣ୍ଣଧାର ।
ହରି ବୋଲି ନାଚ ଅନୁକ୍ଷଣ ରେ । ୨ ।
ହରି ପ୍ରେମେ ଭୋଳ ହୋଇ, ଗାଉଣ ନାମ ବୋଲାଇ ।
ହରିଧାମ କରିବୁ ଭ୍ରମଣରେ । ୩ ।
ହରି ସଙ୍ଗ ଘଟେ ପୂରି, ଅଛନ୍ତି ଦୟା ଶରୀରି ।
ହରିଭକ୍ତି କର ଉପାର୍ଜନ ରେ । ୪ ।

Digitized by srujanika@gmail.com

ସନ୍ତାପଙ୍କର ତାପ, ଶୁଣ ନ କଣ୍ଠ ଅନ୍ତର ।
ସନ୍ଦେହ ମେ ନରା କଲୁଷ ମାନରେ ।୫।
ଟୋଲି ହରି ଶ୍ରୀ ଗୌରାଙ୍ଗ, ଶୁଣ ସେ ଚଦୋବ୍‌ଜେ ଭୃଙ୍ଗ ।
ସଙ୍ଗ ହରି ବୈଷ୍ଣବ ରଞ୍ଜନ ରେ ।୬।

ପ୍ରାର୍ଥନା

(ସ୍ୱର ଯିବନ ଜୀବନେ କଣୋଣ୍ଣ—ବୃତ୍ତ)

ବିଶ୍ୱମ୍ଭର ! ବୃଥା ନୋହୁ ପ୍ରାର୍ଥନା ମୋହର ହେ । ଘୋଷା ।
ଯଥାର୍ଥରେ ସୁବସ୍ତୁର, କର ମୁଁ ଅରକ୍ଷ ନର ଅନ୍ତଃସ୍ଥ ଦୁଷ୍ଟର ।
ମୁଣ୍ଡାଇ ପାତକ ଭାର, ଦରୁଅଛି ରଜନୀ ବାସର ।୧।
ହେଲେ ହେଲେ ତୁମ୍ଭ ନାମ, ଭଜନେ ନୋହିଲି କ୍ଷମ ।
ବିଷୟେ ବଳାଇ ମନ, ହେଉଅଛି ଛନ୍ନ ଛନ୍ନ ।
ଅନଳରେ ପତଙ୍ଗ ପ୍ରକାର ହେ । ୨ ।
ଏ କି ହେ ବିଚିତ୍ର ଲୀଳା, ଲଗାଇଛ ପଦ୍ମକୋଳା
ଭକ୍ତି ପଥେ ଦଣ୍ଡଶିଳା, କରୁଅଛ ନନ୍ଦବଳା
ଦୟାମୟ ଦରବ ସୋଦର ହେ ।୩।
ଆହେ ପ୍ରଭୁ ପୀତବାସ, ନ କର ମୋତେ ନିରାଶ ।
କହେ ବୈଷ୍ଣବ ଦାସ, କେବେ ନୋହୁ ପରିହାସ ।
ତବ ଗୁଣ ରହୁ ନିରନ୍ତର ହେ ।୪।

ମନଃଶିକ୍ଷା

(କୃ ସୁଖେ ହୋଇଛୁ ବାଇରେ—ବୃତ୍ତ)

ଅଚିନ୍ତ୍ୟ ମଣ୍ଡପେ ବସିବେ ମାନସ ଶଚୀନନ୍ଦନଙ୍କୁ ଚିନ୍ତ ।
ଅରଜନ ଧନ ସେହିଟି ତୋହର ଶ୍ରୀଗୁରୁପ୍ରଦତ୍ତ ଧନ ।
ଗୌରହରି ବୋଲି ମୁଖେ, ମଜ୍ଜ ପ୍ରେମାନନ୍ଦ ସୁଖେ ।୧।

Digitized by srujanika@gmail.com

କଳିଯୁଗ ସାର ଭକ୍ତ ଅବତାର ନକୁଞ୍ଜ ବନ ଦମ୍ପତି ।
ଦୁଇ ତନୁ ଏକ ମୂରତି ପ୍ରତ୍ୟକ୍ଷ ଭକତଙ୍କ ନେତ୍ର ସମ୍ପତ୍ତି ।
ପତିତପାବନଙ୍କ ଗତି, ସୁନାକାନ୍ତି ଗୌର ହାସ୍ତ ।୨।
ହରେ କୃଷ୍ଣ ହରେ ଈଶ୍ୱର ମୁଖରେ ଯେ ହେଉଥିଲେ ପାଗଳ ।
ସେହି ଶ୍ରୀନମାଙ୍କ ବୃନ୍ଦ ଘଟେ ଭୁବନ ନୟନୁ ଲୋତକ ଜଳ । ।
ଧନ ଦରିଦ୍ର ଶଙ୍କାଳ, ଚୋର ତୃଣ ଦୁଅ ଭୁଲ ।୩।
ଗଉର ଗୋବିନ୍ଦ ନାମ ମକରନ୍ଦ ପାନକର ଦବା ନଶୀ ।
କହେ ଅକିଞ୍ଚନ ବୈଷ୍ଣବ ଚରଣ ଗଉର ସେବା ମନାସି ।
କର ଗୌର ଭକ୍ତ ସଙ୍ଗ । ପଡ଼ୁ ନୋଃଇବ ଅଙ୍ଗ ।୪।

ଭୋଜନ-ବିଳାସ

[ବଡ଼ ଡାଣ୍ଡେ ଗୌରଚନ୍ଦ୍ର—ବୃତ୍ତେ]

ପ୍ରିୟ ପରିକର ସଙ୍ଗେ । ଭୋଜନ କରନ୍ତି ଗୌରଚନ୍ଦ ମା କ ରଙ୍ଗେ । ।
ଅଦ୍ୱୈତ-ମନ୍ଦିରେ ଅଛ ଆନନ୍ଦ-ଉତ୍ସବ ।
ସୀତା ଠାକୁରାଣୀ ଆଣି ପରଶନ୍ତି ସବ ।୧।
ଶକ୍ୟଶାକଅନ୍ନ ଭୁଲେ ଷଣ୍ଣ୍ୟ ବ୍ୟଞ୍ଜନ ।
କେ ବର୍ଣ୍ଣି ପାରିବ ଯେତେ ଭଳି ସୁମିଷ୍ଟାନ୍ନ ।୨।
ଦାସ ଗଣଦାସ ଛଳେ ପ୍ରଭୁ ନିତ୍ୟାନନ୍ଦ ।
ଆପେ ଭୁଞ୍ଜି ଅନ୍ୟେ ଦ୍ୟନ୍ତି ହସି ମନ୍ଦ ମନ୍ଦ ।୩।
ସେକାଳ ପ୍ରେମ ଧ୍ୱନିରେ ଉଚ୍ଛୁଳଇ ମହୀ ।
ଉଚ୍ଛିଷ୍ଟ ଭକ୍ଷଣେ ବଇଷ୍ଣବ ଅଛି ରହି ।୪।

— ୦ —

Digitized by srujanika@gmail.com

ଗୌର ପାଦପଦ୍ମ ଚିହ୍ନ

(ନବ ଚୈତନ୍ୟ ରୂପ, ନବୀନ କିଶୋର ବର—ବୃତ୍ତେ)

ଗୌର ପାଦପଦ୍ମ ଚିହ୍ନ ଚିହ୍ନ ଭକ୍ତଗଣ ।
ଊନବିଂଶରେ ଅଙ୍କିତ କିଶୋରଙ୍କ ପଦ ଲକ୍ଷଣ । ଧ୍ରୁବ ।
ସୁଧାର୍ଦ୍ଧ ଆକାର ଏହି, ଦେଖ କି ଶୋଭା ଧରଇ
ଅରୁଣ ସ୍ତମ୍ଭ ପଟ୍ଟରେ ବସିଛନ୍ତି ସୁଦର୍ଶନ । ୧ ।
କଳା ଶ୍ରୀମୁଖରୁ ଶୁଣି, ମନକଥା କହି କହି,
ଶ୍ରୀ ନବଦ୍ୱୀପ ଗୋସାଇଁ ଦର୍ଶାଇଥିଲେ ସୁଜ୍ଞାନ । ୨ ।
ସେ ଯେଉଁ ବ୍ରଜ ପ୍ରସଙ୍ଗ ଶ୍ରୀରାଧାଙ୍କ ଭାବ ରଙ୍ଗ
କରନ୍ତେ ଶ୍ରବଣ ଅଙ୍ଗ ତଳ ପଡ଼ିଲେ ତକ୍ଷଣ । ୩ ।
ବାମ ଜଙ୍ଘରୁ ଚ୍ୟୁତ, ଦେଖିଲେ କାହ୍ନେ କି ପ୍ରାପ୍ତ
ଲାଗିଗଲା ଅତିଶୟ ତରଳ ଯାଇ ପାଷାଣ । ୪ ।
ଭଟ୍ଟାଚାର୍ଯ୍ୟ ସାର୍ବଭୌମ, ଚିହ୍ନି ସେ ଗଉର-ପ୍ରେମ,
ନେଲେ ନିଜ ନିକେତନ, ଧନ୍ୟ ତାହାଙ୍କର ପୁଣ୍ୟ । ୫ ।
ଶିକ୍ଷା ଦେଉଁ ହେଲେ ଶିଷ୍ୟ, ଏ ତ ଗଭୀର ରହସ୍ୟ,
କହେ ବୈଷ୍ଣବ ଦାସ ପ୍ରକଟିଲ ପ୍ରଭୁପଣ । ୬ ।

ଶ୍ରୀ ଅଙ୍ଗ ଶୋଭା

(ନବ ନୀରଦ ନିନ୍ଦିତ କାନ୍ତିଧର—ବୃତ୍ତେ)

ଗୌର ଶ୍ରୀଅଙ୍ଗ ଶୋଭା କି ମନୋହର ।
ନାହିଁ ଚଉଦ ଭୁବନେ ପଟାନ୍ତର । ୧ ।
ନବ ଲବଣୀ ପିଣ୍ଡୁଳ ସୁନା କାନ୍ତି ।
କଟି କେଶରୀ ଜିଣି ଶାର୍ଦ୍ଦୂଳ ଗତି । ୨ ।

Digitized by srujanika@gmail.com

କଣ୍ଠ ଶୁଣ୍ଡ ଜିଣି କର ବାହୁ ଯୁଗ ।
ଶିରେ କୁଞ୍ଚିତ କୁନ୍ତଳ କଳା ମେଘ । ୩ ।
ପାଦପଦ୍ମ ଛନ୍ଦବାର ସୁପସନ୍ନ ।
ବିମ୍ବାଧରେ ପୁଣି ହାସ ମନ୍ଦ ମନ୍ଦ । ୪ ।
ପରିଧାନ ଶୁକ୍ଳ କ୍ଷୀରୋଦଶ୍ରୀ ପାଟ ।
କେତେ ଚମତ୍କାର ସେ ଉଦଣ୍ଡ ନାଟ । ୫ ।
ନବ କିଶୋର ମୂରତି ନଟବର ।
ଦାସ ବୈଷ୍ଣବ ବନ୍ଦଇ ସେ ପୟର । ୬ ।

ଗୌର ସନ୍ନ୍ୟାସ-ବେଶ

(ଦେଖ ଗୋ ସଙ୍ଗାତ ବ୍ରଜରାଜସୁତ—ବୃତେ)

ନବୀନ ସନ୍ନ୍ୟାସୀ ଧନ୍ୟ ରୂପରାଶି ଭୁବନ ମୋହନ ଠାଣି ଗୋ ॥
ଅନୁପମ ଶିରୀ ଲାବଣ୍ୟ ମାଧୁରୀ ସୁରମ୍ୟ ବାଙ୍କ ଚାହାଣି ଗୋ ।
ଛ ର ବିଭଙ୍ଗିମା ଛଇ । ଆହା କେତେ ସୁନ୍ଦର ମାନଇ ଗୋ ।୧।
ନଦୀୟା ନାଗରୀ ମନଧନ ଲୁଣ୍ଠିକରି ଆଣିଛୁ ଏ ପରି ଗୋ ।
ଆସି ଶ୍ରୀକ୍ଷେତ୍ରରେ କାଶୀ ମିଶ୍ରପୁରେ ଯୋଗେ ରହିଲା ଧରି ଗୋ ।
ଚାହିଁଥାଅ ଭଲକରି । ଛନ୍ନ ଛନ୍ନ ହେଉଛୁ କାହିଁରେ ଗୋ । ୨ ।
ହା ହା ରାଧେ ରାଧେ ବୋଲି କମ୍ପା କାନ୍ଦେ ଏତ ବିଷମ ସନ୍ଦେହ ଗୋ
ଗୋପେ ଥିଲ ସତେ ହେଉଛୁ ଗୋରତେ ଲୁଚାଇଛୁ କଳାଦେହ ଗୋ ।
ଗୋରା ଅଙ୍ଗେ କି ଯତନ । କରିଛୁ କରି ଅନୁମାନ ଗୋ । ୨ ।
ସିଦ୍ଧ ନୂଏ ସନ୍ଧ ! ଏ ବେଶ କହ୍ନାଇ ଗୋପୀଙ୍କ ମହତ ଯଶ ଗୋ ।
କେଉଁ କଥା ଛଳେ ଏବେ ନୀଳାଚଳେ ନେତ୍ରଢାଳେ ଅଶ୍ରୁଧାର ଗୋ
କମ୍ପା ଧରିଛୁ ଏ ବେଶ ? କହେ ବୈଷ୍ଣବ ଚରଣ ଦାସ ଗୋ ।୪।

Digitized by srujanika@gmail.com

ବଡ଼ଦାଣ୍ଡେ ଗୌରଚନ୍ଦ୍ର

(ଜୟ ଜୟ ଜୟ ନବଦ୍ୱୀପ ବ୍ରଜଧାମ—ବୃତ୍ତେ)

ବଡ଼ ଦାଣ୍ଡେ ଗୌରଚନ୍ଦ୍ର ରଥ ଆଗେ ରହି ।
ଶ୍ରୀବ୍ରଜ ଦ୍ରୁମଙ୍କ ଝୋଳା ନ ଅଙ୍କୁର ଛଇ ହେ ।୧।
ବହୁଦିନ ପରେ ବନ୍ଧୁ ଅଇଲେ ମୋହର ।
ଏହା ବୋଲି କରୁଣ ଗଦ୍‌ଗଦେ ଝରହର ହେ ।୨।
କମଳ-ନୟନ-ଯୁଗ୍ମୁଁ ଝରର ପ୍ରେମ ବାରି ।
ବେଳେ ବେଳେ ଭୂମିତଳେ ରହନ୍ତି ଜଗର ହେ ।୩।
ସାତ ସମ୍ପ୍ରଦାୟେ ବାଜେ ଚଉଦ ମାଦଳ ।
ଅବଶ କମ୍ପାଏ ସେଇ ସଙ୍କୀର୍ତ୍ତନ ରୋଳ ହେ ।୪।
ନକୁଣ୍ଡେଶ୍ୱର ଶ୍ରୀବାସ ଭକତେ ବଣ୍ଟବତ ।
ଭଗ୍ୟବନ୍ତ କାଶୀମିଶ୍ର ଗମ୍ଭୀର ସାମନ୍ତ ହେ ।୫।
ଶ୍ରୀସ୍ୱରୂପ ଦାମୋଦର ରାୟ ରାମାନନ୍ଦ ।
ଜାଣନ୍ତି ଗୌରଙ୍କ ମନ ସେ ଦାସ ଗୋବିନ୍ଦ ହେ ।୬।
ଆମ୍ଭର ଗୋରା ମୂର୍ତ୍ତି ପୋଷ୍ଟି ଦେବଗଣି ;
ସଖୀପଣେ ଅନ୍ତରଙ୍ଗେ କହନ୍ତି ଆଶ୍ୱାସି ହେ ।୭।
ସେ ଲୀଳା ଦର୍ଶନ ମାତ୍ରେ ଶାନ୍ତି ହୁଏ ପାଣି ।
ମୂଢ଼ ବୈଷ୍ଣବ ଦାସ ତା ନ ପାରିଲା ଜାଣି ହେ ।୮।

ଗୌର ଗୁଣାମୃତ

(ଗୋରା ଶ୍ରୀଚରଣେ ନବଦାସୀ ପଣେ—ବୃତ୍ତେ)

ଗୌର ଗୁଣାମୃତ କେତେ ସୁମଧୁର ରଖିଥାଅ ଆରେ ମନ ।
ବ୍ରଜର ଯେ ଅପ୍ରାକୃତ ପ୍ରେମରସ ବନାମୂଲ୍ୟେ ବରଷଣ ॥
ଲୀଳାନାହିଁ ଏଥି ଟଙ୍କା ପଇସା । କଲ୍ପତରୁ ତଳେ ସିଦ୍ଧିରେ ତୃଷା ।୧

Digitized by srujanika@gmail.com

ପରମ ଦୟାଳୁ ପତିତପାବନ ମହାଜନ ନିତ୍ୟାନନ୍ଦ ।
ଜଗତରୁ ଅଛନ୍ତି ନ ବାଛନ୍ତି ଜାତି ପାପାପାପ ଭେଦନ ॥
ଯାତେ ତାଙ୍କର ଦାତା ନଅଛନ୍ତି ଭବ ? ମେଣ୍ଟାଇ ଶ୍ରୀଧାମପ୍ରେମ ଚମତ୍କାର ।୨।
ଏପରି ସୁଯୋଗ ହରାଇଲେ ଆଉ ପାଇବୁ ନାହିଁଟି କହ ।
ଡାକୁଅଛି ଦୋଳରେ ଡାକୁଛନ୍ତି ଆସି ବନ୍ଧୁ ବୈଷ୍ଣବ ଗୋସାଇଁ
ଅଳପ୍ନୁଆ ଦୋଳ ନ ବସ ଦଣ୍ଡେ । ନଳକନା ଶୀଘ୍ରେ ତପସ୍ୟା ଦାଣ୍ଡେ
ବନ୍ଧୁ ଜନ ମିଳ ହଳ ହରି ବୋଲି ଲୁଟି ନଅନ୍ତୁ ସେ ରସ ।
ଦାସ ବଇଷ୍ଣବ ଆଶା କଲାଇଛୁ ପାଇବାକୁ ଅବକାଶ ॥
ଅଟୋକ୍ୟ ମନରେ କଡ଼ାଅ ବାଟ । ଯହିଁ ପ୍ରେମଦାତା ନଟରାଜ ହାଟ ।

— —

ଗମ୍ଭୀର-ବାସୀ

(ସେନ୍ଥ ପ୍ରଭୁଙ୍କି କ ଆଗମ—ବୃତ୍ତେ)

କାହିଁପାଇଁ କା ହାକୁ ରଚି, ହେଲ ନାଥ କାଶୀମିଶ୍ର ଗମ୍ଭୀର ବାସୀ । ଘୋଷା
ଚବିଶ ବରଷ ଶେଷେ, ଛଡ଼ି ବଳାଇ ସନ୍ୟାସେ ।
କେଶବ ଭାରତୀ ପାଶେ କି ଦୀକ୍ଷା କଲ ?
ରେଖ ରତନ ଭୂଷଣ, ସୁଚିକ୍କଣ ପାଟ ବସନ ।
ରତନ ପଲଙ୍କ ଶଯ୍ୟା ସୁଖ ଗୁଡ଼ିଲ । ୧ ।
ହଂସରସ ଉତ୍ତାସ, ସୁରୁଚି କେଳି ବିଳାସ ।
ଅଗର କର୍ପୂର ବାସ ଚନ୍ଦନ ମାଳା ।
ସବୁ ଫିଙ୍ଗି ଦେଲ ଦୂରେ, କି ଭାବ ଭାତ ମନରେ ।
ଅନାଥିନୀ କରିଗଲ ପଙ୍କଜ ଲୋଚନା । ୨ ।
କାନ୍ଦି ଅଛନ୍ତି ଜନନୀ, ଆକୁଳେ ଲୋଟି ଅବନୀ ।
ନଦ୍ୟାନୁ ଲେଖକ ଧାରା ଶୂନ୍ୟ ନୂହଇ ।
ତୁମ୍ଭ ବିନୁ ଅନ୍ଧକାର, ହୋଇଛି ନଦୀୟା ପୁର ।
କି କହିବ ହୃଦୟ ମୋ ଯାହା ଦୁଅଇ । ୩ ।

Digitized by srujanika@gmail.com

ଶ୍ରୀଚରଣେ କେଉଁ ଦୋଷ, କଲ ନ କର ପ୍ରକାଶ ।
ଅନ୍ତର ଯା କରିଦେଲ ଜୀବ ଜୀବନ ।
ଏତେ ବୋଲି ବିଷ୍ଣୁପ୍ରିୟା, ଶୋକେ ହୁଅନ୍ତି ଅଥୟା ।
ଭଣଇ ବୈଷ୍ଣବ ଦାସ ଅଧମ ହୀନ । ୪ ।

—o—

ରତ୍ନ ପାଦୁକା

(କଳା କଳେବର କହ୍ନାଇ—ବୃତ୍ତେ)

ଯେବେ ଛଡ଼ାଇବୁ ହୃଦରୁ ମୋର ଶମନ ଦଙ୍କା ।
ଶିରେ ବନ୍ଧିଥାଅ ଗୌରାଙ୍ଗ ପଦ ରତ୍ନ-ପାଦୁକା । ୧ ।
ଯେବେ ଏ ସଂସାରେ ସ୍ୱଜନର ଜଣେ ହୋଇଲୁ ଫକ୍କା ।
ଶିରେ ବନ୍ଧିଥାଏ ଗୌରାଙ୍ଗ ପଦ-ରତ୍ନ ପାଦୁକା । ୨ ।
ଯେବେ ବଜାଇବୁ ତ୍ରିପୁରେ ମୋର ସୁଜସ ଡ଼କ୍କା ।
ଶିରେ ବନ୍ଧିଥାଅ ଗୌରାଙ୍ଗ ପଦ-ରତ୍ନ ପାଦୁକା । ୩ ।
ବୈଷ୍ଣବ ଦାସ ଅଧମ କହେ ପଡ଼ିଲି ଡକା ।
ଶିରେ ବନ୍ଧିଥାଅ ଗୌରାଙ୍ଗ ପଦ-ରତ୍ନ ପାଦୁକା । ୪ ।

—o—

ପାଦପଦ୍ମାଶ୍ରିତ

(ଆସ ସର୍ବେ ଭାଇ । ଖୋଲ କରତାଳେ—ବୃତ୍ତେ)

ଶ୍ରୀପାଦପଦ୍ମ ଆଶ୍ରିତେ ଯାଉ ଦିନକାଳ ହେ, ଗୌର ଗୋପାଳ ।
ମହାପ୍ରଭୁ ଶ୍ରୀଶଚୀଦୁଲାଳ ହେ । ଘୋଷା ।
ଅଶରଣ ଜନ ବନ୍ଧୁ ଅପାର କରୁଣା ସିନ୍ଧୁ ହେ, ଗୌର ।
ମୁଁ ପତିତ ଦୁରଦୃଷ୍ଟ ମୋ ଦୁଃଖ ସମ୍ଭାଳ ହେ । ୧ ।
ଆହେ ପ୍ରେମ ଭକ୍ତି-ଦାତା-ତ୍ରିଭୁବନ ହର୍ତ୍ତା କର୍ତ୍ତା ହେ, ଗୌର ।
ଛଡ଼ାଇଦିଅ ଏ ମୋର ଦାରୁଣ ଜଞ୍ଜାଳ ହେ । ୨ ।

Digitized by srujanika@gmail.com

ଉଦୟମସ୍ତ ଚନ୍ଦ୍ରାମଣି, ଅପୂର୍ବ ଲବଣ୍ୟଠାଣି ହେ, ଗୌର ।
ଅସ୍ତମସ୍ତ କାଳେ ସାହାହେବ ମିଶ୍ର ବାଳ ହେ । ୩ ।
ବଇଷ୍ଣବ ଦାସ ସ୍ତବେ ନ ମଣ୍ଡଳ କାଳମାଶେ ହେ, ଗୌର ।
ଅନ୍ତମେ ଚନ୍ଦ୍ରର ଯେହ୍ନେ ତବ ନାମ ମାଳ ହେ । ୪ ।

—o—

ବଡଦାଣ୍ଡ ଶୋଭା

(ଶ୍ୟାମନାଗର ହେ, ଏ ବେଣ ହୋଇବ ନାହିଁ—ବୃତ୍ତେ)

ସଖି ! ଅନାଅଁ ଗୋ, ବଡଦାଣ୍ଡ କେଡେ ଶୋଭା ।
ଭକତ ମଣ୍ଡଳୀ ମଧ୍ୟେ କ ସୁନ୍ଦର ଗଉର ସୁନ୍ଦର ଆଭା । ଘୋଷା
ରଥ ଆଗେ ରହି ନ ଥ ନାଥ କହି କାନ୍ଦନ୍ତି କାହିଁକି ଅବା ?
କଏ ତା ଜାଣିବ ଉଛୁଳୁ କ ଭାବ ଦେଖି ଲାଗୁଅଛୁ କାବା ।୧।
ବ୍ରଜର ଚରିତ ସୁଧାରାର ଗତି କଣ୍ଠାନନ୍ଦୀ ମନ ଲୋଭା ।
ପ୍ରବାସରୁ ବନ୍ଧୁ ଫେରିବା ବୃତ୍ତାନ୍ତ ଉଛୁଳ ଇଦାଏ ସଭା । ୨ ।
କେତେକେଳେ ଗୋରା ଭୂମିରେ ଲୋଟଇ କେବେ ତ୍ରିଭଙ୍ଗୀରେ ଉଭା
କେବେ ଗଦାଧର ନରହରି ଭଡ଼ରେ ତ୍ରକଇ ସୁନାର ପ୍ରଭା । ୩ ।
ଜଣାଯାଏ ଏହି ତା ଭଙ୍ଗୀ ଛଟାରୁ ଆବେଶ ଗୋପ ବଲ୍ଲଭା ।
ବଇଷ୍ଣବ ଦାସ ବୋଲେ ଗୋପୀନାଥ ଟୋପକୁ ବଳସ୍ତ କବା ।

—o—

ନର୍ତ୍ତନ ମାଧୁରୀ

(ଯାର ମନ ଯହିଁକି ରସେ—ବୃତ୍ତେ)

ଦେଖି ସହି ! ଗୌର ହୁନ୍ଦର, ନର୍ତ୍ତନ ମାଧୁରୀ କେଡେ ସୁନ୍ଦର ।ପଦ।
ବଡଦାଣ୍ଡେ ସଙ୍କୀର୍ତ୍ତନ ସ୍ଥାନ, ଲଗତ ସୁବର୍ଣ୍ଣ ବର୍ଣ୍ଣିଆଁ ।
ଶ୍ରୀଚରଣ ଛନ୍ଦ ଭଙ୍ଗେ ଧସି କାନ୍ଦ ଗଣ୍ଡସି ଆସନ୍ତ କ ଚମତ୍କାର ।୧।
ବାମେ ଗଦାଧର ପଣ୍ଡିତ, ଦକ୍ଷିଣରେ ଶ୍ରୀଅବଧୂତ ।
ହରିଦାସ ବାସୁଘୋଷ ରମାନନ୍ଦ ଆଦିଜନ ଚଉପାଶେ ତାଙ୍କର ।୨।

Digitized by srujanika@gmail.com

ଖୋଳ କରତାଳ ଶବ୍ଦେ, ଧୂଳି ଉଡୁଅଛି ଗଦ୍‌ଗଦେ ।
ଶ୍ରୀବ୍ରଜମାଧୁରୀ ନୀଳାଚଳ ପୁରୀ ପ୍ରକଟଇ ଆହା ଅତି ମଧୁର । ୩ ।
ଧ୍ୟାନ ଜ୍ଞାନ ବୈଷ୍ଣବ ଦାସ ନ ପାଇଲ୍ ଯା ଅବକାଶ ।
ଦର୍ଶନ ନମନେ ଝଙ୍କୃତି ତପ୍ତେ ଘରକୋଣେ ନେହ୍ଲ ବୁଢାଏ ମାର

—o—

ଗୌର ଭକ୍ତର ପ୍ରଶ୍ନ

(ମନା ଜଲେ ଯେତେ ଭ୍ରମଣ ନ ସରେ---ବୃତ୍ତ)

କହ ହେ ଗୌରାଙ୍ଗ ଆଜ ଏ କି ରଙ୍ଗ କି ଭାବ ଏମନ୍ ହେଉଅଛ ହେ
ନୟନରୁ ନୀର ଢାଳ ଅବିରତ କାହିଁପାଇଁ କାହାକୁ ଦେଉଅଛ ହେ ।୧।
ଗମ୍ଭୀରା ଭିତରେ ଗମ୍ଭୀର ଚିତ୍ତରେ ବସି ଉଦ୍ଧ ଝରାଉଅଛ ହେ ।
ହା ହା ପ୍ରାଣଧନ ବୋଲି ଅଚେତନ ହୋଇ ଭକ୍ତଙ୍କୁ କନ୍ଦାଉଅଛ ହେ ।
କାହାର ଧୀ ଭୁଆ ହେଲା ପ୍ରାୟ କାହା ପାଶରେ କନମ୍ୟେ କହୁଛ ହେ
ପୁଣି କି ବସ୍ତୁ-ର ହୃଦୟ ଉପରେ ଶ୍ରୀକର କରୁଣ ରହୁଛ ହେ ।୩।
ସୁନାପିତୁଳିଟି ବସୁଧାରେ ଲୋଟି ଆହା କେତେ ଦୁଃଖ ସହୁଛ ହେ ।
ବ୍ରଜର କଣୋରମଣି ହେନ୍ତ ପଣ ବାତୁଳ ଚେଷ୍ଟା ତ ବହୁଛ ହେ ।୪।
ପଗଣ ପତିଙ୍କି କହିବୁ ଏତିକ ବୋଲି କାରେ ସମନାଉଛ ହେ ।
କହେ ବଇଷ୍ଣବ ମନେ ଏତେ ଷୋଭ ଜନ୍ମାଇଁ କଲ୍ୟ ପାଉଛ ହେ ।

—✳—

ମନଃଶିକ୍ଷା

(ଗଲ୍ପିଣିତ ଗଳ୍ପ କଥାରେ ସଙ୍ଗୀତ—ବୃତ୍ତ)

ଗରୁର ଆଦେଶ ପାଳରେ ମାନସ, ଗନ୍ଧର ଆଦେଶ ପାଳ ।
ନାସ୍ତିକ ତାର୍କିକ ନିନ୍ଦକ ମାନଙ୍କ ସଙ୍ଗ ରଙ୍ଗ ଦୂରେ ଟାଳରେ ।୧।
ଦାମ୍ଭିକ କୁମତି ପାଷାଣ୍ଡ ଯେ ଅତି ଭଜନ ପଥେ ସେ କାଳ ।
ମଧ୍ୟପିଙ୍କ ପଦ, ଶୁଣି କର ହୃଦ ହୋଇଯାଏ ବେନ ଫାଳରେ ।୪।

Digitized by srujanika@gmail.com

କେ କେତେ ପ୍ରକାରେ ଛନ୍ଦ ଦୂରସ୍ଥରେ ତାହାଙ୍କ ଦାଣ୍ଡ ସମ୍ଭାଳ ।
ଅଛନ୍ତି ତ ଜଣେ ସେ ଗର୍ମ୍ମି ଶ ଜଣେ ବୁଡ଼ିବାକୁ ତୋ ଜଞ୍ଜାଳରେ ।
କେ ମାରୁ କେ ଧରୁ କେ ସର୍ବସ୍ୱ ହରୁ ଏଥିପାଇଁ ତୁ ନ ଭାଳ ।
ତୋ ଇଷ୍ଟଦେବତା ପିଣ୍ଡ ଭ କରତା ପୂର୍ଣ୍ଣ କରି ଦେବେ ଥାଳ ।୩।
ସର୍ବଦା ଆନନ୍ଦ ହୋଇ ନାମ- ଭଜ ରୁଖ ବାଇ କରତାଳ ।
ଦାସ ବଇଷ୍ଣବ ଭାଷଇ ତୋ ଭବ ଋଙ୍କା ପଗ୍ର ନନ୍ଦବାଳ । ୪ ।

—o—

ଦୃଢ଼ବ୍ରତ

(ଜ ନାମ ବୋଇଲୁ ତୁହ୍ମ ଗୋ ଲଳତେ—ବୃତ୍ତେ)

ଏହି ମୋର ଦୃଢ ବ୍ରତରେ ସଙ୍ଗାତ ! ଏହି ମୋର ଦୃଢ଼ ବ୍ରତ ।
ଶ୍ରୀ ଗୌରଙ୍ଗ ଦାସୀ ହୋଇ ରହିବଇଁ ତୋ ଆଗେ କହୁଛି ସତ ।୧।
ଏହି ମୋର ଦୃଢ ବ୍ରତରେ ସଙ୍ଗାତ ! ଏହା ମୋର ଦୃଢ଼ ବ୍ରତ ।
ଶ୍ରୀ ଗୌରଙ୍ଗ ଗୁଣ ଗୁଣି ହେଉଥିବ ଶିର କରି ଅନବରତ ।୨।
ଏହି ମୋର ଦୃଢ଼ ବ୍ରତରେ ସଙ୍ଗାତ ! ଏହି ମୋର ଦୃଢ଼ ବ୍ରତ ।
ଶ୍ରୀ ଗୌରଙ୍ଗ ନାମ ଜପ ମାଳା କରି ସଦା ହେବଇଁ ଉନ୍ମତ୍ତ ।୩।
ଏହି ମୋର ଦୃଢ଼ ବ୍ରତରେ ସଙ୍ଗାତ ! ଏହି ମୋର ଦୃଢ଼ ବ୍ରତ।
ଶ୍ରୀଗୌରଙ୍ଗ ମୋର ଜୀବନ ଠାକୁର କହେ ବୈଷ୍ଣବ ଅର୍ପିତ ।୪।

—o—

ସେବାସଂକଳ୍ପ

(ଶ୍ୟାମ ଶିଖଣ୍ଡ ଚୂଳ—ବୃତ୍ତେ)

ପ୍ରେମାନନ୍ଦେ ତୁ କରି ସେବା ସଙ୍କଳ୍ପ ।
ହରି ନାମକୁ ଜପ, ଗୌର ନାମକୁ ଜପ । ଘୋଷା ।
ଏ କଳିଯୁଗେ ନାହିଁ ଯୋଗ କି ତପ ।
ଏକା ଗୋବିନ୍ଦ ନାମ ସତ୍ୟ ସ୍ୱରୂପ । ୧ ।

Digitized by srujanika@gmail.com

ସତ୍ୟେତି ଧ୍ୟାନେ ଅଙ୍ଗ ଶୁଦ୍ଧଭାବ ।
ତ୍ରେତାରେ ଯଜ୍ଞେ ଭକ୍ତ-କଳାପ । ୨ ।
ଦ୍ୱାପରେ ପରିଚର୍ଯ୍ୟା ଗୋପୀଙ୍କ ତପ ।
କଳିରେ ଏକମାତ୍ର ଶ୍ରୀ ନାମ-ଜପ ।୩।
ନାହିଁ ନାହିଁଟି ଗତି କାହିଁରେ ବାପ ।
କହେ ବୈଷ୍ଣବ ଦାସ ନାମ ନୈଲୁପ ।୪।

—*—

ଆତ୍ମ ନିବେଦନ

(ଦେଖିଲି ଆଜ ନୟନରେ ସଙ୍ଗୀତ—ବୃତ୍ତେ)

ଯାହାଙ୍କ ସତୟେ ଭ୍ରମ ନାଶ ଯାଏ,
ଦିବ୍ୟଜ୍ଞାନ ଉଦେ ହୋଇ ।
ଅତି ଅଜ୍ଞଜନ, ନାନା ଗ୍ରାହ ବ୍ୟାପ୍ତ
ସିଦ୍ଧାନ୍ତ-ସିନ୍ଧୁ ତରଇ ।୧।
ସେହି ଶ୍ରୀ ଚୈତନ୍ୟ,— ପଦେ ନିବେଦନ,
କରୁଛି ମୁଁ ଭକ୍ତି ଭରେ
ମାର ଅବା ତାର, ପ୍ରଭୁ ବିଶ୍ୱମ୍ଭର,
ଠେଲ ବା ନରକ ଘୋରେ ।୨।
ଶଚୀ ସୁତ ଗୌର, ମମ ଚିତ୍ତ ଚୋର
ନାହୁଁଆ ରସିକ ରାଜ ।
କାରଣ ତାରଣ କେବଳ କାରଣ,
ଉଦ୍ଦଣ୍ଡ କମଳ ଭୁଜ ।୩।
କରୁଣା ସିନ୍ଧୁ, ମୋ ପରାଣ ବନ୍ଧୁ,
ସଂସାରେ ନ ଜାଣେ କେବା ?
ଦୁଃଖୀ ବଇଷ୍ଣବ ଦାସ ମନ ଭାବ,
ଏକା ଶ୍ରୀ ଗୌରାଙ୍ଗ ସେବା ।୪।

Digitized by srujanika@gmail.com

କଳାତନୁ ଗୋରା

(ସଖୀ ଏ ନନ୍ଦ କୁମର ଗୋ—ବୃତ୍ତ)

ସହି ! ଭଲେ ମନେ କର । କଳାତନୁ ଗୋରା ହେଲେ ଏତ ଚମତ୍କାର ।
ଅବକଳ ସେ ତ୍ରିଭଙ୍ଗ ନଟବରେ ଠାଣି । ଘୋଷ ।
ସେହି ଶ୍ରୀ ଚରଣ ଯୁଗଳ ଝୁନଝୁଣି ଗୋ ।୧।
ସେହି ବଙ୍କିମ ନୟନେ ହେରନ୍ତି ଗୃହାଣୀ ।
ଛାଡ଼ି ଯାଇ ନାହିଁ ସେହି ଭୁରୁ ନଚ୍ଚ ପୁଣି ଗୋ ।୨।
ସେହି ମୋହନ ମୁରଲୀ ବାଦନ ବଦନ ।
ମଧୁର ଅଧରେ ମୃଦୁହାସ ଘନ ଘନ ଗୋ ।୩।
ଯେତେ ଲୁଟୁଥିଲେ ବ୍ରଜଧବ ଏ ନିମାଇଁ ।
ଆପେ ଆପେ ଗଡ଼ା ପଡ଼େ ଆବେଶେ ଘୁମାଇଁ ଗୋ ।୪।
ବଇଷ୍ଣବ ଦାସ ବୋଲେ ମିଛ ନୁହେ ମିଛ ।
ଏତ ସେହି ଗୋପପୁର ଚୋର ଡକାଇତ ଗୋ ।୫।

ପ୍ରେମବିଳାସ ମୂର୍ତ୍ତି

(ଅବୋଧ ପରମାନନ୍ଦ ନନ୍ଦ୍ୟାନନ୍ଦ ରାୟ—ବୃତ୍ତେ)

ଶ୍ରୀରାଧା ଗୋବିନ୍ଦ ପ୍ରେମ ବିଳାସ ମୂରତି ।
ପ୍ରତ୍ୟେ ବଢୁଛ ସେହି ନିକୁଞ୍ଜ ବସତି ହେ ।୨।
ଏଣୁ ହେତୁ ରାଧାକୃଷ୍ଣ ଏକ ଆତ୍ମା ଜାଣ ।
ବୃନ୍ଦାବନେ ଧେନୁ ଭେଦ ଏ ଶାସ୍ତ୍ର ପ୍ରମାଣ ହେ ।୨।
କଳି ଯୁଗେ ରହି ରାଧା-ମଦନମୋହନ ।
ଦୁଇ ତନୁ ଏକ ହେଲେ ଶ୍ରୀଶଚୀନନ୍ଦନ ହେ ।୩।
ଶ୍ରୀରାଧାଙ୍କ ଭାବ କାନ୍ତି ସବୁ ସୁବଳିତ ।
ଶ୍ରୀକୃଷ୍ଣ ସ୍ୱରୂପ ଗୌରଚନ୍ଦ୍ର ଆବର୍ତ୍ତିତ ହେ ।୪।

Digitized by srujanika@gmail.com

ସେହି ଦୟାମୟ ଗୌର ପାଦ-ପଦ୍ମ ଆଶ ।
କହେ ଦୀନହୀନ ଘୃଣ୍ୟ ବୈଷ୍ଣବ ଦାସ ହେ । ୫ ।

ଜଣାଣ

(କରଯୋଡ଼ି କହେ ପାର୍ଥ—ବୃତ୍ତେ)

ପାତକୀ ତାରୁ ଠାକୁର ତୁମ୍ଭେ ଏକା ବୋଲି ।
ମାଷକ ଅଭୟ ପଦେ ଶରଣ ପଶିଲି ॥
ଗୌରହରି ହେ ! କାଳ ବନ୍ଧଗଲ ଅନୁସର ହେ । ୧ ।
ମୋ ଭଳି ପତିତଟାକୁ ଯଦ୍ୟପି ତାରିବ ।
ତେବେ ପିନା ତୁମ୍ଭ ପ୍ରଭୁପଣ ଜଣାଯିବ ।
ଗୌରହରି ହେ ! ମୋ ପାତକ ନୁହେ ସଂଖ୍ୟାକର ହେ ।୨।
ଆଜାନୁ ଲମ୍ବିତ ମହା ଭୁଜକୁ ବିସ୍ତାରି ।
ଲକ୍ଷ ଲକ୍ଷ ପାପୀତାପୀ ଦେଇଛ ନିସ୍ତାରି ।
ଗୌରହରି ହେ ! ଭରସା କରିଛି ତେଣୁକରି ହେ ।୩।
ଅଧମ ବୈଷ୍ଣବ ଦାସ ଦୀନ ଅକିଞ୍ଚନ ।
ଜଣାଉଁଛି ଦିଅ ପ୍ରଭୁ ଉତ୍ତର ବଚନ ॥
ଗୌରହରି ହେ ! ଯାହା ନୋହିଲେଟି ଗଲି ମରି ହେ ।୪।

ପ୍ରେମ-ଭିଖାରୀ ଗୋରା

(ରତନ ବୋଇତରେ ଶ୍ରୀ ଶଚୀ ଦୁଲ୍ଲାଳ—ବୃତ୍ତେ)

ଧନ୍ୟ ଶ୍ରୀକିଶୋରୀ ପ୍ରେମର ଭିଖାରୀ ନଦୀୟା ବିହାରୀ ଗୋରା ।
ଗୋକୁଳ ନଗରେ ଏଥି ଥିଲେ ପରା ଆଭିରୀଙ୍କ ଚିତ୍ତଚୋରା ? ।୧।
ପ୍ରେମ ସନ୍ଧଟରେ ଭାବକାନ୍ତି ଧରି ଅବତୀର୍ଣ୍ଣ କଳିଯୁଗେ ।
ଧନ୍ୟ କଳି ବୋଲି ପ୍ରକଟ ହୋଇଲେ ଗୌରଚନ୍ଦ୍ରଙ୍କ ସଙ୍ଗେ ।୨।

Digitized by srujanika@gmail.com

ସଂକୀର୍ତ୍ତନ ଛଳେ ପାପୀତାପୀ ଦେଲେ ତାରେଲେ ଶଚୀଙ୍କ ବସ୍ତ୍ରି ।
ଅକାତରେ ପ୍ରେମଗାର ଡ଼ାଳ ଦେଲେ ପାତ୍ର ଅପାତ୍ର ନ ବାଛି ।୨।
ଭାସିଲା ଧରଣୀ ସେ ପ୍ରେମ ସଲିଳେ ହସି ହସି ମନ୍ଦେ ମନ୍ଦେ ।
ଯବନ ଚଣ୍ଡାଳେ ଉଦ୍ଧରିଲେ ତାପ୍ରଁ ପାଇ ଶ୍ରୀଶଚ୍ଚିଦାନନ୍ଦେ ।୪।
ନାନାଦେଶ ଫେରି ଗୌରାଙ୍ଗ ଶ୍ରୀହରି ନାମ କଲେ ବିତରଣ ।
ପାଷାଣ୍ଡଦଳନ ବାନା ଉଡ଼ାଇଲେ କରି ସନ୍ନ୍ୟାସ ଧାରଣ । ୫ ।
ଏମନ୍ତ ଗୌରାଙ୍ଗ-ସୁନ୍ଦରଙ୍କୁ ଭଜେ ନ ଚିହ୍ନିଲା ଯେଉଁ ମୂର୍ଖ ।
ବଇଷ୍ଣବ ଦାସ ବୋଲେ କେହ୍ନେ ଯିବ ତାହାର ତ୍ରିତାପ ଦୁଃଖ ? ।

ଧାଇ ରେ

(କରମ କହଣ ବାଣ ବଡ ଟାଣ—ବୃତ୍ତେ)

ଧନ୍ଦା ଗୁଡ଼ ଫନ୍ଦା କରିଥା ଭାଇରେ ଛନ୍ଦାପଦ ଗୌରଙ୍କର ।
ଧନ୍ଦାଭିଳାଷ ଯା ତୋହର ଅଛଟି ହେଳହ୍ରୁଁ ତା ପରିହର । ୧ ।
ନନ୍ଦନନ୍ଦ ଦାତା ମଦନମୋହନ ରାଧା ରୁଣେ ହୋଇ ଋଣୀ ।
ମନ୍ଦାକନୀ ଗାତେ ବିହରନ୍ତି ଧୀରେ ସୁମରି ବ୍ରଜ ତରୁଣୀ । ୨ ।
ବୃନ୍ଦାବନସ୍ପନରୁ ଖସି ମୋ ଭାଇରେ ବନ୍ଦାଅ ଗୌରଚନ୍ଦ୍ରଙ୍କୁ ।
କନ୍ଦାନ୍ତି ହସାନ୍ତି ଯେ ନାନ ପ୍ରେମରେ ଉଦ୍ଧରିବେ ପାପ-ପଙ୍କୁ ।୩।
ଜନ୍ଦାମନ୍ଦା ପରି କୁଟ୍ଟମ୍ବେ ଭାଇରେ ସାଉଁଛନ୍ତି ତୋର ସବୁ ।
ଅନ୍ଧା ନୋହି ଚହ୍ନିଁ ଯା ବୈରାଗୀ ହୋଇ ମହାଆନନ୍ଦ ପାଇବୁ ।୪।
ପନ୍ଦାରେ ଅନ୍ଧାରେ ରହ ମୋ ଭାଇରେ ଗୌରନାମେ ମାଗି ଭିକ୍ଷା ।
ଅନ୍ଦାଜେ ଜାଣିବୁ କେମନ୍ତ ସୁଖ ସେ ବୈଷ୍ଣବ ଦାସର ଦୀକ୍ଷା ।୫।

Digitized by srujanika@gmail.com

ମନଃଶିକ୍ଷା

(ବ୍ରଜରାଜସୁତ ଫାନ୍ଦେ ମତ୍ତ ମିତ—ବୃତ୍ତେ)

ଥକାଇ ନୟନେ ପ୍ରେମ ଅଶ୍ରୁଧାର-
ଦକାଦର ନାମ ରଟରେ (ମାନସ !)
ଅକାରଣେ ଦିନକାଳ ନ କଟାଇ,
ଉକା ପକା ଗଙ୍କା ରଟନରେ । ଘୋଷା ।
ଠକାମୀ ସୁଭାବ ଛାଡ଼ି ତୁ ଏଣିକି ବକାଚରଙ୍କର ଶ୍ରୀଗୁଣଶ୍ରେଣୀକି
ପକାଶ୍ରୀକ ଗୁଣିତ୍ୱଅ ନିଷ୍ଠଳରେ ନ ଭୁଲି ମାୟାର ଲଟରେ ।୧।
ଉତ୍କାଳଜାଧଅଁ ଶ୍ରୀଶଚୀନନ୍ଦନ ଚକାଅ ତାହାଙ୍କ କୃପାକୁ ବନ୍ଦନ ।
ଚକାଅ ତୋ ଗାର ଭକତ ମଧ୍ୟରେ ଜଞ୍ଜାଳ ଜାଲରୁ ଦିଟରେ ।୨।
ଧକା ନ ଦିଅନ୍ତୁ ଯମଦୂତେ ତୋତେ ନ କାନ୍ଦ ନ କାନ୍ଦ ପଡ଼ି ମୋହଗର୍ତ୍ତେ
ସକାଠରେ ପ୍ରେମ ବାରି ଭରି ନେତ୍ରେ ପୁଲକ ଆଣ ତୋ ଦେହରେ ।୩।
ଓକାଇତ ଶହୂତୋ ଛନ୍ଦ ଯୁଗଣେ ସକାନ୍ତୁ ସଙ୍ଗେ ଚାଣକ୍ୟ ଏଣେତେଣେ
ଦକାର ବୈଷ୍ଣବ ଦାସ ଦୁଃଖୀ ଭଣେ ଚକାନେହଙ୍କୁ ତୁ ଭେଟରେ ।୪।

—✳—

ଅବତାର ତତ୍ତ୍ୱ

(କନକ ଗୋରାଙ୍କୁ ମନକଥା—ବୃତ୍ତେ)

ଏହି ଗୋରା ମୋର ସବୁ ଅବତାର ଆଦ୍ୟେ ହେଲେ ମୀନରୂପ ।
କୂର୍ମ ରୂପେ ଧରି ଧରା ଥିଲେ ପରା ନଦୀୟା ନାଗର ଭୂପ ! ୧ ।
ବରାହ ଶରୀର ଧରି ଦଶନର ଅଗ୍ରେ ଧଇଲେ ଏ ମହୀ ।
ନୃସିଂହ ସ୍ୱରୂପ ବଦାଇଲେ ଆପେ ହିରଣ୍ୟକଶିପୁ ଯେହି ।୨।
ବାମନ ମୂରତି ହୋଇ ଜଗତ୍ମତ ବଳିକି ଛପିଲେ ଜାଣି ।
ହୋଇ ପର୍ଶୁଧର ଏକବିଂଶବାର ନକ୍ଷତ୍ର କଲେ ଧରଣୀ ।୩।

Digitized by srujanika@gmail.com

ଶ୍ରୀରାମ ରୂପରେ ରାବଣ ବଧିଲେ ଲଙ୍କାଗଡ଼ କଲେ ଜୟ ।
ହୋଇ ହଳଧାରୀ ବଳ ପ୍ରକାଶିଲେ ନାମ ରୋହିଣୀ ତନୟ ।୪।
ବୌଦ୍ଧ ରୂପେ ନୀଳାଚଳେ ବିଜେ କଲେ ରତ୍ନସିଂହାସନ ପରେ ।
କଲ୍କି ରୂପେ ମ୍ଳେଚ୍ଛଗଣ ସଂହାରିବେ ବୈଷ୍ଣବ ଦାସ ହିତରେ ।୫।

ଶ୍ରୀ ଗୌର ସୁନ୍ଦର ଲୀଳା

(କାହ୍ନ କହେ ନନ୍ଦରାଣୀ—ବୃତ୍ତେ)

ଶ୍ରୀଗୌର ସୁନ୍ଦର ଲୀଳା । ଦର୍ଶନ ମାତ୍ରକେ ତରଲେ ଶିଳା ଯେ ।
କେଉଁ ଯୁଗେ ଯା ଦେଖା ନ ଥିଲା, ଭକତେ ହେ ।୧।
ଅତି ଅଦ୍ଭୁତ ରହସ୍ୟ । ଦେଖାଇଲେ ଗୋରା ନକ୍ଷତ୍ର କ୍ଷଣ ଯେ ।
ସର୍ବଜନ ମନ କଲେ ବଶ, ଭକତେ ହେ ।୨।
ଘୋର କଳି କାଳ ଦାନ୍ତ । ହଟି ପଳାଇଲାଣି ଗୃହୁଁ ଗୃହୁଁ ଯେ ।
ଗୋରା ପ୍ରେମ ଡମ୍ବରୁ ବଜାନ୍ତି । ଭକତେ ହେ ।୩।
ଧନ୍ୟ ଶ୍ରୀଶଚୀନନ୍ଦନ; ନାଶ କର ସଂସାରର ବନ୍ଧନ ଯେ ।
ଦାସ ବୈଷ୍ଣବ ହୃଦ ଚନ୍ଦନ ଭକତେ ହେ । ୪ ।

ଭକ୍ତିପଥ

(ଆଜନ ବଶୁନାହିଁ କାଲ ପତନ—ବୃତ୍ତେ)

ଭକ୍ତିପଥରେ ଗତି କର ଆନନ୍ଦେ, ମନ ! ଛାଡ଼ ନିନ୍ଦେ ଦୋଷା
ଆଶା ଭରସା ରଖି ସଚ୍ଚିଦାନନ୍ଦେ ।
ଦାସାନୁଦାସ ହୁଅ ପଦାରବିନ୍ଦେ ।୨।
ପ୍ରେମ ଭିକ୍ଷାଝୁଲି ପକାଇ କନ୍ଧେ ।
ପ୍ରେମ ଗୋରାଙ୍କୁ ଚାହୁଁଥାଅ ସାନନ୍ଦେ ।
ପଞ୍ଚକଣ୍ଟକ କାଟି ଦେଇ ସ୍ଵଚ୍ଛନ୍ଦେ ।
ବାନ୍ଧ ଜୀବାତ୍ମାକୁ ଗୌର ପ୍ରୀତି ସମ୍ବନ୍ଧେ ।୩।

Digitized by srujanika@gmail.com

କହେ ବୈଷ୍ଣବ ଦାସ ହୀନ ମନେ ।
ମୋହେ ପଡ଼ନା ପଡ଼ ବିଷୟ ଫାନ୍ଦେ । ୪ ।

ଭକ୍ତି-ପୁଷ୍ପାଞ୍ଜଳି

(ଗୌର ଗୁଣାମୃତ କେତେ ସୁମଧୁର—ବୃତ୍ତେ)

ଗୌର ଶ୍ରୀଚରଣେ ନବଦ୍ୱୀପ ଜଣେ ଦେବ ଭକ୍ତି ପୁଷ୍ପାଞ୍ଜଳି ।
କେବେ ଗୁରୁଦେବଙ୍କର କୃପା ହେବ ହେବ ସେବା ଯୋଗ୍ୟ ଭଳି ।
ଗୌର ଗୌର ବୋଲି କେବେ ପ୍ରେମେ ଫୁଲି କମ୍ପିବ ସର୍ବାଙ୍ଗ ଯାକ
ଗୌରଲୀଳା ଗାଇବେ ମଞ୍ଜିରନ୍ତି କେବେ ଜନେ ଟେକାଇବ ଡାକ ।୨।
ଗୌରଭକ୍ତଙ୍କର ସଙ୍ଗେ କେବେ ମୋର ହେବ ଆହାର ବିହାର
ଗୌର ନାମାବଳୀ କରିବ ଶଙ୍ଖାଳି କଣ୍ଠାକୁ ମୋର ବାହାର ।୩।
ଗୌର ପଦଧୂଳି କେବେ ତୋଳି ୨ ମଥାରେ ହୋଇବ ହୋଳି ।
କହେ ଧନ ହୀନ ବଇଷ୍ଣବ ଦାସ ଗୌର ମୋର ଜପାମାଳି ।୪।

— — —

ଅଳି

(ସଙ୍ଗୀନରେ ମନେ ପଡ଼ୁଛି ମୋର—ବୃତ୍ତେ)

ହେ ଗୌରଭକ୍ତ ମୋର ଏ ଅଳି ସିନା ?
ଶ୍ରୀପଦ ଧୂଳି ଦିଅ ପୂରୁ ବାସନା । ଘୋଷା ।
ଆହେ ବୈଷ୍ଣବଗଣ ମୁଁ ପାପୀ ଅକିଞ୍ଚନ,
ତୁମ୍ଭ ଉଚ୍ଛିଷ୍ଟ ଭିକ୍ଷା ନିତ୍ୟ ଯାଚନା । ୧ ।
ଆହେ ଭଜନାନନ୍ଦୀ, ସୁମିଷ୍ଟ—ସତ୍ୟବାଦୀ,
ବିଷୟ ବିରକ୍ତ ହେ ମୁଁ ତୁମ୍ଭ କଣା । ୨ ।
ଚରଣାମୃତ ଦାନେ, ତୋଷ ଏ ଦୀନଜନେ,
କଣ୍ଟକ ମାହେ କୃପା ନ ହେଉ ଊଣା । ୩ ।
ସାକ୍ଷାତେ କୃଷ୍ଣରୂପୀ, ଅଟ ପରମ ତପୀ,
ଦାସ ବୈଷ୍ଣବଟାକୁ ନ କର ଘୃଣା । ୪ ।

Digitized by srujanika@gmail.com

ମାୟା ସ୍ୱପନ

(ରାଧା ଧର ଶଶୀ କର—ବୃତ୍ତେ)

ଆଜ କେତେଦିନ ମନ ! ଦେଖିବୁ ଏ ମିଛ ମାୟା ସ୍ୱପନ ରେ ।
ଦେଖୁଁ ଚାନ୍ଦ ଶ୍ରୀ ଶଚୀନନ୍ଦନ, ପାଗଳା ରେ । ୧ ।
ସବୁ ବୋଲୁ ମୋର ମୋର, ଆଖି ବୁଜି ଦେଖ ଅନ୍ଧାର ଘୋର ରେ ।
ଭଲକରି ତୁ ପରୀକ୍ଷା କର, ପାଗଳା ରେ । ୨ ।
କାଷ୍ଠର ପିତୁଳା ପରି, ମାୟା କୁହୁକରେ ନଚାଏ ଧରି ରେ ।
ବ୍ୟର୍ଥ ଏ ଦେହର ବାହାଦୁରୀ, ପାଗଳ ରେ । ୩ ।
କହେ ବାଞ୍ଛା ବୈଷ୍ଣବ ଦାସ, ସବୁ ଛାଡ଼ି କର ନାମ ଅଭ୍ୟାସ ରେ ।
ହଟି ପଳାଇବ କାଳ-ଫାସ, ପାଗଳା ରେ । ୪

ସତ୍‌ଶିକ୍ଷା

(ଭଜ ରେ ନା ମନ ଶ୍ରୀରାଧାମୋହନ—ବୃତ୍ତେ)

ଧଉତ କର ତୁ ହୃଦୟ ମନ୍ଦିରେ ଗଉର ଗଉର ଗାଆରେ ।
ଅନ୍ତଉଧି ଏଥୁଁ ବଳି ଆଉ ନାହିଁ ଉଦ୍ଧରଣ କୋଟି ପାପରେ । ଘୋଷା
ସଉଧ ସଦନ ସୁଖ ବିଳାସ, କଉଣକେ ମୁଞ୍ଚ ଏ ଅଭିଳାଷ,
ନଇରୁ ତ ଅଧା ହୋଇଲାଣି ଆସି କଉପାଶ ଘୁଞ୍ଚ ଯାଆ ରେ ।
ଠଉରାଇ ନ ପାରୁ କି ମୋ କଥା, ଚଉଳି ଦେଖ ତୁ ନିଜ ଅବସ୍ଥା
ଦଉଡ଼ି ନ ମର ବିଷୟା ଧନ୍ଦାରେ ଗଉରବ ପଉଷ୍ଟାରେ । ୨ ।
ଘଉଡ଼ି ଦିଅ ତୁ ଅସାଧୁ ସଙ୍ଗ, ଛଉ ଲଭି ମାଡ଼ିଯାଏ ସେ ରଙ୍ଗ
ଉଉଁରିଆ କରି ବାନ୍ଧ କୃଷ୍ଣ ମନ୍ତ୍ର ମାଳାକୁ ହୃଦ ପଟାରେ ।୩।
ଧଉଳାଅ ଚିତ୍ତ ଜଗତମୋହନ, ମଉଜରେ କର ନାମ କୀର୍ତ୍ତନ
ଫଉଜ ସେ କାଳ-ରାଜାର ଯେତେକ କମ୍ପିବେଟି ବାଃ ବାଃ ରେ ।
ଲଉଡି ମୁରଲୀ ଧର ଚରିତ, ସଉଦାମ୍ନି ଭାବେ ପଢ଼ ସେ ଗୀତ,
ଚଉଦ ଭୁବନେ ଯଶ ଅଭିନବ ବୈଷ୍ଣବ ଦାସର ନାଆଁରେ ।।

Digitized by srujanika@gmail.com

ଆରେ ମୋ ଭାଇ

(ଜୟ ନନ୍ଦ ଦୁଲାଳୀ ପ୍ରେମ ଦମ୍ପତ୍ତି—ବୃତ୍ତେ)

ଯମ ଦଣ୍ଡ୍ ଯଦି ଲଙ୍ଘିବୁ ଚାହିଁ, ଆରେ ମୋ ଭାଇ ।
ଭଜ ଏକାନ୍ତେ ଶ୍ରୀ ଗୌର ନିତାଇ, ଆରେ ମୋ ଭାଇ । ।୧ ।
ପାପ ତାପ ହାଣ୍ଡି ଦୁଇ ଗୋସାଇଁ, ଆରେ ମୋ ଭାଇ ।
ତରିଯା ସେ ପାଦପଦ୍ମକୁ ଧ୍ୟାୟୀ, ଆରେ ମୋ ଭାଇ । ।୨।
ବ୍ୟର୍ଥେ ମାୟା ମୋହେ ଜ୍ୱଳନା ବାଇ ଆରେ ମୋ ଭାଇ ।
କ ସୁଖ ପାଉ ଏ ଜଞ୍ଜାଳେ ଥାଇ, ଆରେ ମୋ ଭାଇ । ।୩।
ବେଳୁ ଗ୍ରନ୍ଥ କଣ୍ଠକଣ୍ଠ ଚେତାଇ, ଆରେ ମୋ ଭାଇ ।
ନ ହେଜ୍ ବିଷୟ—ଗରଳ ଖାଇ, ଆରେ ମୋ ଭାଇ । ।୪।
ଆଶ୍ରେ କର ମହାଭୂଜର ଗ୍ରାଇ, ଆରେ ମୋ ଭାଇ ।
ବଇଷ୍ଣବ ଦାସ କହେ ବୁଝାଇ, ଆରେ ମୋ ଭାଇ । ।୫।

ଦାସୀ ଅଭିମାନ

(ଦୂରକଲ ରାଧା ଭାବ ନେ ମାଧବ—ବୃତ୍ତେ)

ମୁଁ ତ ଗୋରା ପଦ ଦାସୀ ଏଲୋ ସଜନି । (ମୁଁ ତ ଗୋରାପଦ ଦାସୀ)
କ ମନ୍ତ୍ରେ ମୋ ଚିତ୍ତ କଲେ ବିମୋହିତ ସେ ନବ ନଦୀୟାବାସୀ ଲୋ ।
ଗୋରା ମୋ ହୃଦୟହାର ଏଲୋ ସଜନି । (ଗୋରା ମୋ ହୃଦୟ ହାର)
ଗୋରା ଭାବେ ମଜି କାଙ୍ଗାଳିନୀ ସାଜି ହୋଇବ ଘରୁ ବାହାର ଲୋ ।
ଗୋରା ଗୋରା ବୋଲି ଧରି ଭିକ୍ଷା ଝୁଲି କୁଳମୂଳ ଦେବ ଟାଳି ଲୋ ।
ଗୋରା ମୋ ନେତ୍ର ପିତୁଳି ଲୋ ସଜନି । (ଗୋରା ମୋ ନେତ୍ରପିତୁଳୀ)
ଗୋରା ବିନେ ଚିତ୍ତ ଆନ ନ ଉପରକ୍ତ ଏଣୁ ମୁଁ ଗୋରା ବାଉଳି ଲୋ ।
ଗୋରା ମୋର କଣ୍ଠମଣି ଲୋ ସଜନି । (ଗୋରା ମୋର କଣ୍ଠମଣି)
ଗୋରା ଗୋରା ହୋଇ ଏ ଜୀବନ ଯାଉ ବଇଷ୍ଣବ ଦାସ ଭଣି ଲୋ ।

—○—

Digitized by srujanika@gmail.com

ନବଦ୍ୱୀପେ ବଂଶୀଧ୍ୱନି

(ଚନ୍ଦନଯୁ ମୁରଲୀ ଝୁଣି ଯେ ଭଲ ଠାଣି—ବୃତ୍ତେ)

ଏ କି ଆଚମ୍ବିତ ଶୁଣି ଲୋ ସଜନି । ନବଦ୍ୱୀପେ ବଂଶୀଧ୍ୱନି ।
ମୃଦୁ ମୃଦୁସ୍ୱରେ କେ ବାଏ ସଧୀରେ ପଞ୍ଚମ ତାନକୁ ଯୋଡ଼ି ଲୋ ଯୋଷା
ଶୁଣିଥିଲୁ କାନ ଗୋପିକା ମୋହନ କରିଥିଲେ ପାଗଳଣୀ ।
ଏବେ ସେହି ଗୀତ କାହୁଁ ଉଠପଡି ଉଲ୍ଲସେ ସାରା ଅବନୀ ଲୋ ।
ଧାଇବୁ କି କହ ଆଲୋ ପ୍ରାଣସହି ! କରୁଛି ଛୋଟେଛ ହିୟା ।
ନମା ଧୈର୍ଯ୍ୟ କରୁ ଅଥବା ମୂଳରୁ ପଟେଇ କି ନ କରେ ପୁଣି ଲୋ ।
ସ୍ତମ୍ଭନ ମୋହନ ବଶୀକରଣ ଜାଣେ ସବୁ ବେଣୁପାଣି ।
ଆଜି ତାହା କାହୁଁ ପାଇଲାଟି କେହୁ ପଥର କରଇ ପାଣି ଲୋ ।
କି ମନ୍ତ୍ର କରି ନିଅଇ ହିଆଁରି ଆହାର ବଦେ କି ଦେବେ ?
ବୈଷ୍ଣବ ଦାସ ବୋଲେ ବେଗେ ଆସ ଦେଖିବ ତା ରୂପ ଠାଣି ଲୋ ।

———

ଭବନଦୀ ନାବ

(ବୈଷ୍ଣବ ଗୋଷ୍ଠି କି ଡାକଗ ହେଉଛି—ବୃତ୍ତେ)

ଭବନଦୀ ଘାଟରେ ଶ୍ରୀନାମ ନାବଟି ଲଗାଇଛି ଯେ ଚଇଇ ।
ବିନା କଉଡ଼ିରେ ପାର କରିବାକୁ ରହିଛି ସେ ପଥ ଚାହିଁ ।୧।
ଆସରେ ଆସରେ ଜୀବ ପାରହେବ ବୋଲି ଡକାଉଛି ଡାକ ।
ମହା ଭାଗ୍ୟବଳେ ତୁରେ ବେଶନ୍ତି ତହିଁ ସୁଭାଗ୍ୟବନ୍ତ ପଥିକ । ୨ ।
ଏ ସୁଯୋଗ ଛାଡି ଯେ ହଟି ରହଇ ପଡଇ ସେ ହଇରଣେ ।
ତଅର୍ଦ୍ଧେ କାଳ କବଳ କରିଦିଏ ନ ଚକାଇ ଏକକ୍ଷଣେ । ୩ ।
ଦୟାଳୁ ନାବିକ ଶ୍ରୀଗୁରୁ ଦେବଙ୍କ ଆଶ୍ରାଧରେ ମୂଢ଼ଜୀବ ।
ଅନାୟାସେ ଅକ୍ଳେଶରେଟି ଅଚିରେ ଭବନଦୀ ତରିଯିବ । ୪ ।
ଜୟ ଗୌର ବୋଲି ମାରି କରତାଳି ଆସରେ ବହନ ଆସ ।
ଶ୍ରୀଗୁରୁ ଚରଣ ଆଜ୍ଞା ଶିରେ ବହି ଡାକୁଛି ବୈଷ୍ଣବ ଦାସ । ୫ ।

Digitized by srujanika@gmail.com

ଗୌରନିତ୍ୟାନନ୍ଦ ତତ୍ତ୍ୱ

(ଦୟାଟି ଧର୍ମର ମୂଳ ଜାଣ ଆହେ ଭାଇ—ବୃତ୍ତେ)

ଗୌର ନିତ୍ୟାନନ୍ଦ କେବଳ ଏ ଦୁଇ ଠାକୁର ।
ଯୁଗଳ-ମୂରତି ପ୍ରାଣ ଧନ ଭକ୍ତଙ୍କର ହେ ।୧।
ରାଧାକୃଷ୍ଣ ଅନଙ୍ଗ-ମଞ୍ଜରୀ ବଳରାମ ।
ଦୁଇ ଦୁଇ ମିଶି ଦୁଇ ମୂରତି ଗଠନ ହେ ।୨।
ବ୍ରଜରସେ ଉନ୍ମତ୍ତିତ ରଜନୀ ଦିବସେ ।
କଳିହତ ଜୀବଙ୍କର ମଙ୍ଗଳ ନିଜାଶେ ହେ ।୩।
ଅଙ୍ଗ ଉପାଙ୍ଗ ସଙ୍ଗରେ ମାଧୁର୍ଯ୍ୟ ଅବତାର ।
ଦେଶେ ବିଦେଶେ ହରିନାମ ଦେଲେ ତ ପ୍ରକାଶ ହେ ।
ନିସ୍ତାରିଲେ ପାପୀତାପୀ ଅତି ଦୀନ ହୀନ ।
ପତିତ ପାଷାଣ୍ଡୀ ଆଦି ନିସ୍ତରିଲେ ଜନ ହେ ।୪।
ସବୁରି ହୃଦ କୁମୁଦ ହୋଇଲା ବିକାଶ ।
ଏକା ଏ ବୈଷ୍ଣବ ଦାସ ହୋଇଲା ନିରାଶ ହେ ।୫।

କନକ ହାତୀ

(ଝୁଲୁଅ ଗୋ, ଯଶୋଦା କାହ୍ନା—ବୃତ୍ତେ)

ଛାଡ଼ିଲ ହେ, କନକ ହାତୀ । ଛଡ଼ାଇ ଦିଅ ମୋହର ମହାପାପ
ଖ୍ୟାତି । ଘୋଷା

ଛପନ ବୈରାଗିଆ ନବଲାବଣ୍ୟ ମୂରତି । ଛନ୍ଦା ପଦେ କନ୍ଧା
ମୁଁ ଅରକ୍ଷ ମୂଢ଼ମତି ।୧। ଛାଡ଼ି ସବୁ ଆଶା ହଜାଇଛୁ କୁଳଜାତି ।
ଛାମୁରେ ଅନୁସରୁଛି ବେନକର ପାତି ।୨। ଛାଡ଼ିକରି ଦେଉଛି ବଡ଼-
ପଣ ବାଣ୍ଡ ବୃତ୍ତି । ଛିନ୍ନ ବସ୍ତ୍ରବାସ କନ୍ଥା କେବଳ ସମ୍ପତ୍ତି ।୩।
ଛୁଆଇଁ ପଦାବ୍ଜେ ମଥା ନେବ ଉଦଗତି । ଛନକା ମୋ ପାଞ୍ଚ
ତବ ଲୀଳାଗୁଣ ଚିନ୍ତା । ୪ । ଛାତିରେ ଛାପି ମୁଁ ତବ ନାମମୁଦ୍ରା-
ଛତ । ଛାର ଜୀବନ ହାରିବ କେବେ ଦେବ ଗତି । ୫ । ଛଅ

Digitized by srujanika@gmail.com

ଗୋସ୍ୱାମୀଙ୍କ ସୁଆଦେଶେ ହୋଇ ବୃଦ୍ଧ । ଛୁଡ଼୍ ଏ କଙ୍ଗାଳ ଦାସ ବୈଷ୍ଣବ ବଦତ ।୬।

କୁଞ୍ଜଦ୍ୱାର ଭିକାରୀ

(ଗଜଲତରଣେ ମୂର୍ତ୍ତି ସିନା କଣାଦାସୀ ଗୋ ସଖି — ବୃତ୍ତେ)

ଏକ୍ଷପର ସତେ କୁଞ୍ଜ ଦୁଆର ଭିକାରୀ ଗୋ ସକ୍ଷି ।
ଯୋଗୀ ବେଶଧାରୀ । ଢୋଷା ।
କେତେ କଉତୁକ ଲୀଳା ଖେଳାମାନ କରି ।
ଗୋକୁଳନାରୀଙ୍କ ଚିତ୍ତ କରିଥିଲେ ଚୋରି ଗୋ । ୧ ।
ପ୍ରେମମୟୀ ଶ୍ରୀରାଧାଙ୍କ କାନ୍ତି ଅଙ୍ଗେ ଧରି ।
ଏବେ ହୋଇଛନ୍ତି ବନ୍ଧୁ ନବଦ୍ୱୀପ ଶିରୀ ଗୋ ।୨।
ସେହି ଶ୍ରୀ କିଶୋରୀ ଭାବ ପ୍ରେମ ଅନୁସରି ।
ହା ହା ନାଥ ବୋଲି ତ ଢାଳନ୍ତି ଅଶ୍ରୁବାରି ଗୋ ।୩।
ସଂକୀର୍ତ୍ତନ ଛଳେ ଭଣି ବାରେ ହରି ହରି ।
ମହାପାପୀମାନଙ୍କୁ ତ କଅନ୍ତି ଉଦ୍ଧରି ଗୋ ।୪।

ଗୌରଗମ୍ଭିରା ଚନ୍ଦ୍ର

(ଭଜ ଭଜ ଭାଇ ମାନସ ମଜାଇ— ବୃତ୍ତେ)

ଗମ୍ଭିରା ପୀଠରେ ଅଦ୍ୟାପି ରହିଛୁ ଶ୍ରୀକୃଷ୍ଣ ଚୈତନ୍ୟ ଚନ୍ଦ୍ର ।
ଭାଗ୍ୟବାନ ପ୍ରାଣୀ ଦର୍ଶନ କରନ୍ତି ମନେ ହୋଇ ସୁପ୍ରସନ୍ନ ।୧।
କନ୍ଥାକମଣ୍ଡଳୁ କ୍ଷୀପଦକଠାଉ ଗୌର ମହାପ୍ରଭୁଙ୍କର ।
ପୂଜନ୍ତି ଭକତେ ପର୍ବ ପ୍ରତି ନତ୍ୟେ ଦେଇ ବାସ ପୁଷ୍ପହାର ।୨।
ଶ୍ରୀବ୍ରଜ ଶ୍ରୀନବଦ୍ୱୀପର ବୈଷ୍ଣବେ ସେ ଚନ୍ଦ୍ର ଦର୍ଶନ ଆଶେ ।
ଆସୁଛନ୍ତି ଧାଇଁ ବହୁ ଶ୍ରମ ପାଇ ରଥ ଦୋଳ ଅବକାଶେ ।୩।
ବିଖ୍ୟାତ ସେ ପୀଠ ରାଧାକାନ୍ତ ମଠ ଶ୍ରୀକ୍ଷେତ୍ର ମଧ୍ୟରେ ସାର ।
କାଙ୍ଗାଳ ବୈଷ୍ଣବ ଦାସର ଯା ତର୍ହିଁ ନ ରହିଲା ଅଧିକାର ।୪।

Digitized by srujanika@gmail.com

ଗୌର ସଂକୀର୍ତ୍ତନୋତ୍ସବ

(ଭବାମୃତ ସିନ୍ଧୁ ବଚନ ଇନ୍ଦୁ — ବୃତ୍ତେ)

କଏ ଅଛ ଭାଇ ! ଆସ ଆସ ଧାଇଁ ଗୌର ସଙ୍କୀର୍ତ୍ତନେ ମାତିବାରେ ।
ଶ୍ରୀଗୌର କରୁଣା ପ୍ରେମ ସୁଧାପାନେ ଆସ୍ୱାଦନେ କର ପାଶବାରେ।ପଦ
ପରମ ଦୟାଳୁ ପତିତପାବନ, ନଦୀୟା ଚନ୍ଦ୍ରମା ଶ୍ରୀ ଶଚୀନନ୍ଦନ
ଭକ୍ତଜନମନ ଆନନ୍ଦ ବର୍ଦ୍ଧନ ମୂରତିଙ୍କ, ଭାବେ ଚିନ୍ତିବାରେ ।୧।
ନାମାନନ୍ଦେ ନାଚ ଗାବବା ସରବେ,ହେଳାକର ନାହିଁ ନିମିଷେକ ଲବେ
ଏଥିଁ ବନ୍ତ ଆଉ କିଛି ନାହିଁ ଭବେ ହିତାପେ ଖାଣ୍ଟିକ ତାଡିବାରେ ।
ରଙ୍ଗେ କର ସଙ୍କୀର୍ତ୍ତନ ମହୋତ୍ସବ,ଅଙ୍ଗେ ନ ରଖିବା ଅହଂକାର ଗର୍ବ
ଭଣେ ଦୀନ ହୀନ ବଇଷ୍ଣବ ଦାସ ଯମ ଯନ୍ତ୍ରଣାରୁ ତରିବାରେ ।୨।

—o—

ଲାଳସା

(କି ମୋହିନୀ ଜାଣ ବନ୍ଧୁ ! କି ମୋହିନୀ ଜାଣ — ବୃତ୍ତେ)

ଗୌରାଙ୍ଗ ଚରଣେ ମୁହିଁ ହେବି ନିତ୍ୟ ଦାସୀ ଗୋ ।
ଗୌର ନାମ ଆସ୍ୱାଦିବି ଏକାନ୍ତରେ ବସି ଗୋ । ୧ ।
ଗୌର ପ୍ରେମେ ମଜ୍ଜିବି ମୁଁ ଦିବସ ରଜନୀ ଗୋ ।
ଗୌର ଗୁଣ ନିରବଧି ହେଉଥିବି ଗୁଣି ଗୋ । ୨ ।
ଗୌର ଗୀତ ନିତି ନିତି ଶୁଣିବି ଶ୍ରବଣେ ଗୋ ।
ଗୌର ଭାବେ ଝାଇ ହୋଇଥିବି ଅନୁକ୍ଷଣେ ଗୋ । ୩ ।
ଗୌର ଲୀଳା ଖେଳା ସେତେ ନୟନେ ଦେଖିବି ଗୋ ।
ଗୌର ବିନେ ଆନ କିଛି ମୁଖେ ନ ଆଣିବି ଗୋ । ୪ ।
ଗୌରାଙ୍ଗ ଆଦେଶ ସଦା କରିବି ପାଳନ ଗୋ ।
ଗୌର ପକ୍ଷା ଶିକ୍ଷା ନେବି ବଳାଅଛି ମନ ଗୋ । ୫ ।

Digitized by srujanika@gmail.com

ଗୌର ଚିତ୍ତଚୋର ମୋର ଗୌର ପ୍ରାଣଧନ ଗୋ ।
ଗୌର ମୋର ମନ୍ତ୍ର ଯନ୍ତ୍ର ଗୌର ମୋର ଜ୍ଞାନ ଗୋ । ୬ ।
ଗୌର ମୋର ଜପମାଳି ଗୌର ମୋ ସଞ୍ଚାଳି ଗୋ ।
ଗୌର ଗୌର ଗୌର ବୋଲି ସଦା ହେଉ ଭ୍ରାନ୍ତି ଗୋ ।୭।
ଗୌର ପ୍ରେମୀ ଜନଙ୍କର ସଙ୍ଗ ଆଦରିବି ଗୋ ।
ଗୌର ସଂକୀର୍ତ୍ତନ ଦେଖି କୃତାର୍ଥ ହୋଇବି ଗୋ । ୮ ।
ଗୌରଙ୍କ ବସନ୍ତ ସ୍ଥଳେ ରହିବି ସଦାଇ ଗୋ ।
ଗୌର ରସେ ବଇଷ୍ଣବ ଦାସ ହେଉ ବାଇ ଗୋ । ୯ ।

ପ୍ରେମିକ ଗଉର

(ଜୟ ଜୟ ଗୋରା ଚାନ୍ଦ—ବୃତ୍ତେ)

ପ୍ରେମିକ ଗଉର ମୋର କେତେ ରଙ୍ଗ ଜାଣେ ?
ହରି ନାମେ ନଦୀଆ ବାସୀଙ୍କି ହୃଦୁ ଟାଣେ ଗୋ । ୧ ।
କପାଳେ ଚନ୍ଦନଚିତା ଆହା କି ମାଧୁର୍ଯ୍ୟ ?
ଗଳାରେ ତୁଳସୀ ମାଳା ଶୋଭେ ସରି ସରି ଗୋ । ୨ ।
ଦ୍ୱାଦଶ ଅଙ୍ଗେ ତା ଶୋଭା ତିଳକ ଦ୍ୱାଦଶ ।
ଧବଳ ପାଟର ଯୋଡ଼ ପରିଧାନ ବାସ ଗୋ । ୩ ।
ହୃଦେ ମାଳତୀର ମାଳା ଦେଲେ ବେନି ପାଶେ ।
ଅରୁଣ ନୟନୁ ନୀର ସଘନେ ବରଷେ ଗୋ । ୪ ।
କେବେ ହସେ କେବେ କାନ୍ଦେ କେବେ ଯାଏ ଗଡ଼ି ।
ହୁଁକାର ଗର୍ଜ୍ଜନେ ଗୋରା ଧାଏଁ ଛଡ଼ବଡ଼ ଗୋ । ୫ ।
ଗୋ-ବୋଲି ଉଚ୍ଚାରୁ ପୁଣି ଧା ବୋଲେ ସେ କେଣେ ?
ବଇଷ୍ଣବ ଦାସ ବୋଲେ ପ୍ରେମର ଲକ୍ଷଣେ ଗୋ । ୬ ।

ଶ୍ରୀ ଗୌରନାମ ମାହାତ୍ମ୍ୟ

(ଭଜରେ ଭଜରେ ଭାଇ ! ଗୌରାଙ୍ଗ ନିତାଇ—ବୃତ୍ତେ)

ଗାଅରେ ଗାଅରେ ଭାଇ ଶ୍ରୀ ଗୌରାଙ୍ଗ ନାମ ।
ନିଶ୍ଚୟ ଅଚିରେ ପୂର୍ଣ୍ଣ ହେବ ମନସ୍କାମ । ୧ ।

Digitized by srujanika@gmail.com

ଶ୍ରୀଗୌର ନାମ ମାହାତ୍ମ୍ୟ ଅସୀମନ୍ତ ଜାଣ ।
କଳିଯୁଗେ ଗୌର ଭିନ୍ନ ନାହିଁ ପରିତ୍ରାଣ । ୨ ।
ସବୁ ମିଛ ମାୟା ଏକମାତ୍ର ନାମ ସାର ।
ନାମ ବିନୁ ଆନରେଟି ନାହିଁ ପ୍ରତିକାର । ୩ ।
ଭବ ବିରିଞ୍ଚିଙ୍କ ଅଗୋଚର ଯା ମହିମା ।
କହେ ବଇଷ୍ଣବ ତାହ କେ ପାଇବ ସୀମା । ୪ ।

ଗୁହାରୀ

(ବୀଣାବାଣୀ ଆଜ ଏଣିକରେ—ବୃତ୍ତେ)

କାନ୍ଦିବ କି ଧୈର୍ଯ୍ୟ ବାନ୍ଧିବି ହେ ।
ଆଉ କେତେ ଫାନ୍ଦ ଫାନ୍ଦିବ ହେ ଗୋସା ।
ଅରକ୍ଷିତବନ୍ଧୁ ବୋଲି ମୁଁ ଜାଣି (ହେ ଅରକ୍ଷିତ ବନ୍ଧୁ)
ପରଶି ଶରଣ ଗଲି ଶ୍ରୀଠାଣି ।
ନ ରଖିଲେ ନିଜ କଣ୍ଠା କଙ୍କରକୁ—
ବ୍ୟଥା ଶର ମର୍ମେ ସନ୍ଧିବ ହେ । ୧ ।
ନରକନାଶନ ହେ ଦଇତ୍ୟାରି ।
ଅବଜ୍ଞତ ନୁହେଁ ମୋ ଗୁହାରି ।
ହରକତ କେତେ ହୋଇ ମୁଁ ଏଣିକି—
ଆଉ କାହା ପାଦ ଚିନ୍ତିବ ହେ । ୨ ।

ତ୍ରିତାପ ଅନଳ ଦହେ ଶରୀର, ଲଭି'ଏତ ସ୍ୱସ୍ଥେ ନୋହିଲେ ସ୍ଥିରଃ,
ବଡାଇଲି କାଳ ଜଞ୍ଜାଳ ଜାଳରେ ଚିନ୍ତାକୋଟି କେତେ ଛାନ୍ଦିବହେ ।୩
ନିତାନ୍ତ ସମର୍ଥହୀନ ହୋଇଲି, ଚିନ୍ତାନେତ୍ର ଘରେ ବନ୍ଦୀ ହୋଇଲି ।
ତତ୍ତ୍ୱପଦାଶ୍ରି ହେ ଶ୍ରୀତାରକ ବ୍ରହ୍ମ ନାମ ନ ଘୋଷି କି ସାଧିବହେ ?
ଚଳ ତନୁ ସାହା ନାହିଁ କେ ମୋର, ଲବଣୀ ଲୁଟିଆ ହେ ପାପହେର
ନବ ନଟବର ମୂରତି ଶ୍ରୀକର କୃପା ବିନେ ବାନା ନଧିବ ହେ ।୪।

Digitized by srujanika@gmail.com

ବୈଷ୍ଣବ ଦାସଉଗ୍ରବାଣୀ ବାଣ, କୈବଲ୍ୟଦାତା ହେ ନାହିଁ କ ଜାଣି ।
ଚୈତନ୍ୟଚନ୍ଦ୍ରମା ନ ଦେଲେଟି କ୍ଷମା କ୍ଷୋଭବାର ଭଲେ ପିନ୍ଧବ ହେ ।୭

ବିଷ୍ଣୁପ୍ରିୟାଙ୍କ ଖେଦ

(ଯେଉଁ ଦିନୁ ପ୍ରଭୁ ବାହାର ଗଲଣି – ବୃତ୍ତେ)

ଘରୁ ଯେଉଁ ଦିନୁ ବାହାର ଗଲଣି ହେ ପ୍ରଭୁ ଅନାଥ କରି ।
ଘୂଡ଼ଏ ତ ମୋର ମନ ନୁହେଁ ସ୍ଥିର ତୁମ୍ଭ ଗୁଣ ଝୁରି ଝୁରି ।
ଘରଣୀ କଥା କି ନ ପଡ଼େ ମନେ ?
ଘଣ୍ଟାଇଲ ଯାହା ହୋଇ କଦନେ ।୧।

ଘଟିବ ବୋଲି ହେ ଏମନ୍ତ ଦୁର୍ଦ୍ଦଶା ଆଗରୁ ନ ଥିଲି ଜାଣି ।
ଘନ କେଶ ପାଶ କଟାଇ ନାଥ ହେ ମୁଣ୍ଡନ ହୋଇଲ ପୁଣି ।
ଘଷା କୁନ୍ଦନର କାନ୍ତି ଶ୍ରୀଅଙ୍ଗେ ।
ଘେନିଲ ନାହିଁ ଚନ୍ଦନ କି ଯୋଗେ ? ।୨।

ଘୋଟିଅଛି ନବଦ୍ୱୀପେ ଆହେ ପ୍ରଭୁ ମହା ଅମା ଅନ୍ଧକାର ।
ଘାରି ହେଉଛନ୍ତି ନଗର ବାସୀଏ ଯଥା ଯନ୍ତ୍ରର ମନ୍ତ୍ରର ।
ଘୃତ ନବମାଳ ଝର ପିନ୍ଧୁନ ।
ଘୂମିର ଆଖିଆ ମୋ କଣ୍ଠ-ମାଳ ।୩।

ଘୋର ମୃଗମଦ ମଳୟଜ କଲି ନାହେଁ କି ଘେନିବ ନାହିଁ ?
ଘଟଣ କନକ ସ୍କନ୍ଧ ଶ୍ରୀମୂର୍ତ୍ତି ଏବେ ଲୁଙ୍କାଇଲ କାହିଁ ?
ଘେନାଘେନ ବାଣୀ ଭଣିବ କେ ବା ?
ଘେନି ହେଉଛି ମୁଁ ରଜନୀ ଦିବା । ୪ ।

ଘୋଳ ହୋଇଯାଏ ଆପଦ ମସ୍ତକ ନାଥ ହେ ତବ ବିହୁନେ ।
ଘନେ ସ୍ମୃତକଣା ପରସ୍ପ ମୋ ଆଶା ମାତ୍ର ତୁମ୍ଭ ଚରଣେ ।
ଘାଟେ ବାଟେ ହାଟେ ଅବା ନଗରେ ।
ଘନେ ଦେଖାଦିଅ ବୈଷ୍ଣବେ ଥରେ । ୫ ।

Digitized by srujanika@gmail.com

ଦର୍ଶନାନୁରାଗ

(ନବଦ୍ୱୀପ କଳାକର—ବୃତ୍ତେ)

ନବଦ୍ୱୀପ ସୁଧାନିଧି, ଶଚୀଙ୍କ ଅଞ୍ଚଳ ନିଧି
ନାଚୁଆ କିଶୋର ସୁନାଗୋରା ।
ନବ ନୂଆ ନୂଆ ଭାବେ ଜରଜର ଠାବେଠାବେ,
ଆନନେ ହସନ୍ତି ଅମୃତଧାର ।୧।
ମନ୍ଥର ଗମନ ଛଇ, ଆହା କି ଶୋଭା ଦିଶଇ,
ପୁଲକ ରୋମାଞ୍ଚେ ତନୁ ଭରା ।
ନବ ରସେ ହରେ ଚିତ୍ତ, ଭକତମାନଙ୍କ ବିତ୍ତ,
କୋଟି କାମ ମୋହନ ଏ ପରା ? ।୨।
ଲକ୍ଷ ଚନ୍ଦ୍ର ଜିଣି କାନ୍ତି, ହସ୍ତ ପଦ ନଖ ଜ୍ୟୋତି,
ଦିଶଇ ଅତି ଝଲମଲ ।
ମୃଣାଳ ବାହୁ ଯୁଗଳ, ଉଦଦଣ୍ଡେ ଊର୍ଦ୍ଧ୍ୱକୁ ଟେକି,
ନାଚନ୍ତି କି ରଙ୍ଗେ ହୋଇ ଭୋଳ ।୩।
ଗୌର ରୂପ ଅପୂରୁବ, ସଂସାରେ ନାହିଁ ନ ଥିବ,
ଦେଖି ଧୈର୍ଯ୍ୟ ରଖିବ କେ ସଖି ।
ଚଉଦ ବ୍ରହ୍ମାଣ୍ଡ ନାଥ, ଏ ତ ନିକୁଞ୍ଜ ସାମନ୍ତ,
ମାଗଇ ବୈଷ୍ଣବ ଦାସ ଗତି ।୪।

ନିତ୍ୟଧନ

(ଜୟ ଜୟ ଭଗବତୀଦେବୀ—ବୃତ୍ତେ)

ହରିନାମ ସଂକୀର୍ତ୍ତନ ଧ୍ରୁବକ ନିତ୍ୟଧନ ।
ଗୋଲକ ସାର ମଣିତ ଅମୂଲ୍ୟ ରତନ ହେ ।୧।
କଳିଯୁଗେ ଗୌରହରି ଦୟାଳୁ ଠାକୁର ।
ଆଚଣ୍ଡାଳେ ଛନ୍ତରାଲ ପାପ କଲେ ଜୀବ ହେ ।୨।

Digitized by srujanika@gmail.com

ପତିତପାବନ ଆଉ ସବେଁ ହେଲେ ନାମ ।
ପାପୀ ତାପୀଙ୍କର ପୂର୍ଣ୍ଣ ହେଲା ମନସ୍କାମ ହେ । ୩ ।
ଧନ୍ୟ ଧନ୍ୟ ଗୌରଚନ୍ଦ୍ର ମହିମା ଅପାର ।
ସେ ପଦେ ଶରଣ ଦାସ ବଇଷ୍ଣବ ଗୁରୁ ହେ । ୪ ।

ଗୁରୁ ଆଜ୍ଞା ବଳବାନ

(ଏହି ମୋର ଦୃଢ଼ ବ୍ରତ ରେ—ବୃତ୍ତେ)

ଗୁରୁ ଆଜ୍ଞା ବଳବାନ । ଗୁରୁ କୃପାବିନେ ଜାଣ ମୋ ଭାଇ ରେ !
ସବୁ ଅଟେ ଅକାରଣ ॥ ୧ ।
ଗୁରୁ ଆଜ୍ଞା ବଳବାନ । ଗୁରୁ ଛଡ଼ା ହୋଇ ସେ ଜନ ରହଇ,
ତା ଜୀବନ ଅକାରଣ । ୨ ।
ଗୁରୁ ଆଜ୍ଞା ବଳବାନ । ଗୁରୁ ପାଦପଦ୍ମ ସେବି ନ ପାରିଲେ,
ଜପ ତପ ଅକାରଣ । ୩ ।
ଗୁରୁ ଆଜ୍ଞା ବଳବାନ । ଗୁରୁଙ୍କୁ ପୂଜିଲେ ଗୋବିନ୍ଦ ମିଳିବେ,
କହେ ବୈଷ୍ଣବ ଚରଣ । ୪ ।

ଏକା

(ଭକ୍ତର କଣ୍ଟକ ପାଞ୍ଚଟି ଏ ଭବେ—ବୃତ୍ତେ)

ଏ ମାୟା ସଂସାରେ, ଭବ କାରାଗାରେ,
ଅଛୁ ମନ ! ବନ୍ଦୀ ହୋଇ ।
ଆସିଅଛୁ ଏକା, ଯିବୁ ପୁଣି ଏକା,
ନିଜ କର୍ମଫଳ ନେଇ । ୧ ।
ମିଛ ମାୟା ଖେଳ ଖେଳୁଛୁ କେବଳ,
ବୃଥାର୍ଥେ କାଳ ବଡ଼ାଇ ।
ଆସିଅଛୁ ଏକା, ଯିବୁ ଚାଲି ଏକା,
ତୋ ସଙ୍ଗେ ନ ଯିବେ କେହି । ୨ ।

Digitized by srujanika@gmail.com

ବୋଲୁ ସିନା ମୋର, ବନ୍ଧୁ ସହୋଦର,
ପିତା ମାତା ଭାର୍ଯ୍ୟା ସୁତ ।
ଘଟ ଚିନ୍ତ ଥରେ, ବୁଝ ଉଚିତରେ
କେହି କାହାର ନୁହେଁ ତ । ୩ ।
ମିଛେ ବୋଲୁ ମୋର, ଏ ଧନ ଭଣ୍ଡାର,
ଅକାରଣେ ବାପୁଡ଼ା ହୋଇ ।
କହେ ଘନ ଶ୍ୟାମ, ବଇଷ୍ଣବ ଦାସ,
(ଅନେ) କୋକାଇରେ ସିବୁ ଶୋଇ । ୪ ।

କୃଷ୍ଣ କୀର୍ତ୍ତନ ମହିମା

(କଷ୍ଟ କହନ୍ତ ଶୁଣ ବରଜ ବଧୂ---ବୃତ୍ତେ)
ଯେହୁ ଚିତ୍ତ-ଦର୍ପଣ ଉଜ୍ଜ୍ୱଳକାରୀ ।
ସଂସାର ମହା ଦାବାନଳ ନିବାର ଯେ । ୧ ।
ମଙ୍ଗଳ ଶ୍ୱେତ କଇଁଫୁଟା ଚନ୍ଦ୍ରିକା ।
ପରା ବିଦ୍ୟାରୂପିଣୀ-ବଧୂ ଜୀବିକା ଯେ । ୨
ମହା ଆନନ୍ଦ ସିନ୍ଧୁ ପରିବର୍ଦ୍ଧକ ।
ପ୍ରତିପଦେ ସମ୍ପୂର୍ଣ୍ଣ ସୁଧା ସ୍ୱାଦକ ଯେ ।
ସର୍ବ ଆତ୍ମାକୁ ଅପୂର୍ବ ରସରେ ।
ସ୍ନାନ କରାଏ ଯେହୁ ପ୍ରତି ବାସରେ ଯେ । ୪ ।
ସେହି ଶ୍ରୀକୃଷ୍ଣ-କୀର୍ତ୍ତନ ମାଧୁରୀ ।
ଜୟଯୁକ୍ତ ହୋଇବେ କରୁଣା କରି ଯେ । ୫ ।
ଶ୍ରୀ ମହାପ୍ରଭୁ ଶିକ୍ଷାମୃତ ବଚନ ।
ନିର୍ମଳ କରୁ ଦାସ ବୈଷ୍ଣବ ମନ ଯେ । ୬ ।

Digitized by srujanika@gmail.com

ଶ୍ରୀ ଗୁରୁ ପାଦପଦ୍ମ ଭରସା କରି ।
ସାଇ ଏ ଘଟ ପ୍ରାଣ କେତେ ବାହାର ଯେ ।୭।

ହରିବୋଲ ଭାଇ

(ଗୁରୁ ମହାରାଜ ଶ୍ରୀମୁଖରେ ଆଜ---ବୃନ୍ଦେ)

ହରିବୋଲ ଭାଇ । ବଦନ ଭରିରେ ଗୁପ୍ତ ଅନ୍ୟ ଅଭିଳାଷ,
ସାଧୁଙ୍କ ଆଦେଶ ପାଳ ଅହର୍ନିଶ ହରିଙ୍କ ଚରିତ ଘୋଷ । ୧ ।
ହରିବୋଲ ଭାଇ ! ଶୁଣିବରେ ଶ୍ରୀବ୍ରଜେ ପାଇବା ମହାଆନନ୍ଦ ।
ହରି ହରି ବୋଲି ମେଳାମହୋତ୍ସବେ ଅକପଟ ଭାବେ କାନ୍ଦ ।୨।
ପ୍ରେମଧାର ଝରୁ ନୟନ ଯୁଗଳୁଁ ସାତ୍ତ୍ୱିକ ବିକାର ସଙ୍ଗେ ।
ହରିଙ୍କ ଭକତେ ସର୍ବ୍ବିଚ୍ଛନ୍ନ ନଚେତ୍ୟ ସେବନ୍ତୁଠାକୁ ଚଳ ବେଗେ ।୩।
ହରି ହରି ହରି ବୋଲରେ ମନୁଆ ନାମ ହରି ହରି ବୋଲ ।
ହରି ବିନେ ଆନେ ଗତି ନାହିଁ କାହିଁ କହେ ବୈଷ୍ଣବ ପାଗଳ ।୪।
ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗ ଦେବାର୍ପଣମସ୍ତୁ ।
ଜୟତି ଜୟତି ଜଗନ୍ମଙ୍ଗଳଂ ହରେର୍ନାମ ।
ଜୟତି ଜୟତି ଜଗନ୍ମଙ୍ଗଳଂ ହରେର୍ନାମ ।

ମୁଦ୍ରାକର—ଶ୍ରୀ ଦୈତାରି ରଞ୍ଜନ, ଉଦୟ ପ୍ରେସ, କଟକ—୧

Digitized by srujanika@gmail.com